




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଙ୍ଗଳବାର ଶ୍ରୀମନ୍ଦିର ଓ ପରିକ୍ରମା ପ୍ରକଳ୍ପ ବୁଲିବା ଅବସରରେ...

# ଡାକ୍ତର ଭୁବନାନନ୍ଦ ମହାରଣାଙ୍କ ପରଲୋକ

**କଟକ,୨୩।୧(ସମିସ):** ଚିକିତ୍ସକ ଜଗତରେ ଅତି ପରିଚିତ ଚେହେରା ଡାକ୍ତର ଭୁବନାନନ୍ଦ ମହାରଣା(୭୯) ଆଉ ନାହାନ୍ତି। ମସ୍ତିଷ୍କାଘାତର ଶିକାର ହୋଇ ଏସ୍‌ସିବି ନ୍ୟୁରୋସର୍ଜରୀ ଆଇସିୟୁରେ ଚିକିତ୍ସିତ ହେଉଥିବା ଡାକ୍ତର ମହାରଣା ମଙ୍ଗଳବାର ରାତିରେ



ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ବିୟୋଗ ସମଗ୍ର ମେଡିକାଲ ଜଗତକୁ ସ୍ତବ୍ଧ କରି ଦେଇଛି। ଅନେକ ବରିଷ୍ଠ ଡାକ୍ତର ଏସ୍‌ସିବିରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ଡାକ୍ତର ମହାରଣାଙ୍କ ପରଲୋକାଗତ ଖବର ଜଣାପଡ଼ିବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି।

କେବଳ ରୋଗୀ ସେବା ନୁହେଁ, ବଡ଼ ମେଡିକାଲର ପ୍ରଶାସନିକ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ଦିଗରେ ଡାକ୍ତର ଭୁବନାନନ୍ଦ ମହାରଣାଙ୍କ ଯଥେଷ୍ଟ ଅବଦାନ ରହିଥିଲା। ବିଗତ କିଛି ଦଶନ୍ଧି ଧରି ଏସ୍‌ସିବି ମେଡିକାଲରେ ରୋଗୀ ସେବା ସହଜସାଧ୍ୟ କରିବା ନିମନ୍ତେ ସେ ନିରନ୍ତର କାର୍ଯ୍ୟ କରି ଆସୁଥିଲେ। ୧୯୯୯ ମସିହା ମହାବାତ୍ୟାଠାରୁ ଆରମ୍ଭ କରି ଗତବର୍ଷର ବାହାନଗା ରେଳ ଦୁର୍ଘଟଣା ପର୍ଯ୍ୟନ୍ତ; ରାଜ୍ୟର ବଡ଼ ବିପତ୍ତି ସମୟରେ ବଡ଼ ମେଡିକାଲରେ ଚିକିତ୍ସା ବ୍ୟବସ୍ଥାକୁ ସଠିକ ଢ଼ଙ୍ଗରେ ତ୍ୱରାନ୍ୱିତ କରିବାରେ ତାଙ୍କର ଉଲ୍ଲେଖନୀୟ ଭୂମିକା ରହିଥିଲା। ଏପରିକି କୋଭିଡ୍ ମହାମାରୀ ସମୟରେ ଏସ୍‌ସିବିରେ ପ୍ରସ୍ତୁତି ଓ ପରିଚାଳନା ଦିଗରେ ଡାକ୍ତର ମହାରଣାଙ୍କ ଅବଦାନ କିଛି କମ୍ ନଥିଲା। ରୋଗୀସେବାକୁ ବ୍ରତ କରିଥିବା

### ଏସ୍‌ସିବିରେ ଶୋକାକୁଳ ପରିବେଶ

ଡାକ୍ତର ମହାରଣାଙ୍କୁ ଅବସର ପରେ ମଧ୍ୟ ପୁନଃ କାର୍ଯ୍ୟ କରିବାକୁ ରାଜ୍ୟ ସରକାର ସୁଯୋଗ ଦେଇଥିଲେ। ମୃତ୍ୟୁ ପର୍ଯ୍ୟନ୍ତ ସେ ଜରୁରୀକାଳୀନ ଅଧିକାରୀ ଦାୟିତ୍ୱ ତୁଲାଇ ଆସୁଥିଲେ। ତାଙ୍କ ବିୟୋଗରେ ବଡ଼ ମେଡିକାଲର ଅପୂରଣୀୟ କ୍ଷତି ଘଟିଲା ବୋଲି ଡାକ୍ତରଙ୍କ ମହଲରେ ମତ ପ୍ରକାଶ ପାଇଛି। ପୂର୍ବତନ ଡିଏମଇଟି ପ୍ରଫେସର ଡାକ୍ତର ସି.ବି.କେ ମହାନ୍ତି, ଏସ୍‌ସିବି ଅଧୀକ୍ଷକ ପ୍ରଫେସର୍ ଡାକ୍ତର ସୁଧାଂଶୁ ଶେଖର ମିଶ୍ର, ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ପ୍ରସେନଜିତ ମହାନ୍ତି, ପ୍ରଶାସନିକ ଅଧିକାରୀ ଡାକ୍ତର ଅବିନାଶ ରାଉତଙ୍କ ସମେତ ବହୁ ଡାକ୍ତର, ଡାକ୍ତରୀ ଛାତ୍ରଛାତ୍ରୀ, ସେବିକା, ମେଡିକାଲ କର୍ମଚାରୀ ଏବଂ ତାଙ୍କୁ ଭଲ ପାଉଥିବା ସହରର ଅନେକ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## 'ନୂଆ-ଓ' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ '୫-ଟି' ଅଧ୍ୟକ୍ଷ ଦେଲେ ଗୁରୁମନ୍ତ୍ର

# କଠିନ ପରିଶ୍ରମର ବିକଳ୍ପ ନାହିଁ




**ଗଜପତି, ୨୩।୧(ସମିସ):** ଆମ ପିଲାମାନଙ୍କ ମଧ୍ୟରେ ପ୍ରତିଭା ଭରି ରହିଛି। ତେବେ ଏହି ପ୍ରତିଭା ଆତ୍ମବିଶ୍ୱାସର ସହ ପରିପ୍ରକାଶ ହେବା ଜରୁରୀ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ 'ନୂଆ-ଓ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହା ପ୍ରତି ପିଲାମାନଙ୍କର ବଢୁଥିବା ଆଗ୍ରହକୁ ଦେଖି ପ୍ରତିବର୍ଷ ନୂଆ-ଓ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ହାରିବା କିମ୍ବା ଜିତିବା ଗୁରୁତ୍ୱପୂର୍ଣ୍ଣ ନୁହେଁ; ଗୁରୁତ୍ୱପୂର୍ଣ୍ଣ ହେଉଛି କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା। ତେଣୁ ଆପଣମାନେ ଆଗେଇ ଆସି ନୂଆ ଓଡ଼ିଶା ଗଠନରେ ସାମିଲ ହୁଅନ୍ତୁ ବୋଲି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗଜପତି ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ଜୀବନରେ ସଫଳ ହେବା ପାଇଁ ଶ୍ରୀ ପାଣ୍ଡିଆନ ପିଲାମାନଙ୍କୁ ବହୁ ଉପାଦେୟ ପରାମର୍ଶ ମଧ୍ୟ ଦେଇଛନ୍ତି। ଗଜପତିରେ ଆୟୋଜିତ 'ନୂଆ-ଓ' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପାଣ୍ଡିଆନ୍ କହିଥିଲେ, ଆପଣମାନେ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ ଦେଇ ଗତି କରୁଛନ୍ତି। ଏହି ସମୟରେ ସାମାଜିକ ଗଣମାଧ୍ୟମ(ସୋସିଆଲ ମିଡିଆ)ରେ ସମୟ ବରବାଦ କରିବା ଆଦୌ ଠିକ୍ ନୁହେଁ। କାରଣ ସାମାଜିକ ଗଣମାଧ୍ୟମ ହେଉଛି ଦୁଇ ଧାର ଥିବା ଖଣ୍ଡା। ଏଥିରେ ସମୟ ନଷ୍ଟ କଲେ ଜୀବନରେ ବହୁ କ୍ଷତି ହେବ। ତେଣୁ ଯଥାସମ୍ଭବ ସାମାଜିକ ଗଣମାଧ୍ୟମରୁ ଦୂରେଇ ରହି ନିଜ ଚରିତ୍ର, ନିଜ ବ୍ୟକ୍ତିତ୍ୱର ବିକାଶରେ ସମୟ ଅତିବାହିତ କରନ୍ତୁ। ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ସାମାଜିକ ଗଣମାଧ୍ୟମ ବ୍ୟବହାର କରିବା ଉଚିତ ବୋଲି ଶ୍ରୀ ପାଣ୍ଡିଆନ୍ କହିଥିଲେ।

- ବ୍ୟକ୍ତିତ୍ୱର ବିକାଶ କର, ସଫଳତା ନିଶ୍ଚୟ ମିଳିବ
- ପ୍ରତିଯୋଗିତାରେ ଭାଗନେଲେ ଆତ୍ମବିଶ୍ୱାସ ବଢ଼ିବ
- ପିତାମାତା, ଗୁରୁଜନଙ୍କ ପ୍ରତି ଭକ୍ତି ଓ ସମ୍ମାନ କର
- ସାମାଜିକଗଣମାଧ୍ୟମରୁ ଦୂରେଇ ଲକ୍ଷ୍ୟରେ ବ୍ରତୀ ହୁଅ

ନିଜ ଅଭିଭାଷଣରେ '୫-ଟି' ଅଧ୍ୟକ୍ଷ କହିଥିଲେ ଯେ ଜୀବନରେ ସଫଳତା ପାଇବା ପାଇଁ ପଢ଼ା ଯେତିକି ଗୁରୁତ୍ୱପୂର୍ଣ୍ଣ, ନିଜ ବ୍ୟକ୍ତିତ୍ୱର ବିକାଶ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ବ୍ଲକ, ଜିଲ୍ଲା କିମ୍ବା ରାଜ୍ୟସ୍ତରରେ ଆୟୋଜିତ ହେଉଥିବା ପ୍ରତିଯୋଗିତାରେ ଜିତିଲେ ଖୁସି ଲାଗିବା ସ୍ୱାଭାବିକ କଥା। କିନ୍ତୁ ହାରିବା ଜିତିବା ଚିନ୍ତା ଛାଡ଼ି କେବଳ ଅଂଶଗ୍ରହଣ କଲେ ସେଥିରୁ ଅନେକ କିଛି ଶିଖିବାକୁ ମିଳିଥାଏ। ନିଜ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ିଥାଏ। ଶ୍ରୀ ପାଣ୍ଡିଆନ୍ କହିଥିଲେ ଯେ ବଡ଼ ବଡ଼ ସହରର ବଡ଼ କଲେଜରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପରି ଗଜପତିର ଛାତ୍ରଛାତ୍ରୀଙ୍କୁ ଆଧୁନିକ ଓ ଉନ୍ନତ ଶିକ୍ଷାଦାନର ସୁଯୋଗ ଦେବାକୁ ସବୁ କଲେଜର ରୂପାନ୍ତରଣ କରାଯାଇଛି। ଗଜପତିର ସମସ୍ତ ୧୭ଟି କଲେଜକୁ '୫-ଟି' ରୂପାନ୍ତରଣ ପ୍ରକଳ୍ପରେ ସାମିଲ କରାଯାଇଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ଏହି ରୂପାନ୍ତରଣ କାମ ଶେଷ ହେବ। ଛାତ୍ରଛାତ୍ରୀଙ୍କୁ ସ୍ମାର୍ଟ କ୍ଲାସ୍ ରୁମ୍, ଇ-ଲାଇବ୍ରେରୀ, ସ୍ମାର୍ଟ ଲ୍ୟାବ୍ ଭଳି ଆଧୁନିକ ଶିକ୍ଷାଦାନ ଭିତ୍ତିଭୂମି ମିଳିବ। ଗଜପତିର ପିଲାମାନେ ବି ବଡ଼ ବଡ଼ କଲେଜର ଶିକ୍ଷାର୍ଥୀଙ୍କ ପରି ସ୍ୱପ୍ନ ଦେଖିବେ ଆଉ ତାକୁ ସାକାର କରିବା ପାଇଁ ବଳ ପାଇବେ ବୋଲି ନବୀନ ଓଡ଼ିଶା ଅଧ୍ୟକ୍ଷ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

> "ଗଜପତିର ପିଲାବି ବଡ଼ ସହରର ପିଲାଙ୍କ ଭଳି ସ୍ୱପ୍ନ ଦେଖିବାର ବଳ ପାଇବେ। ମୁଁ ବି ଗାଁ ସ୍କୁଲରେ ପାଠ ପଢ଼ି ସଫଳ ହୋଇଛି, ଆପଣ ବି ହେବେ।"

ପିଲାମାନଙ୍କୁ ଗୁରୁମନ୍ତ୍ର ଦେଇ ଶ୍ରୀ ପାଣ୍ଡିଆନ୍ କହିଥିଲେ, ଜୀବନରେ ସଫଳ ହେବା ହେବା ପାଇଁ ଯିଏ ସ୍ୱପ୍ନ ଦେଖୁଛନ୍ତି ଯେଉଁମାନେ ପ୍ରତିଦିନ ୩୦ ମିନିଟ୍ ବ୍ୟାୟାମ କରୁଛନ୍ତି, କେଉଁମାନେ ନିଜ ଭବିଷ୍ୟତ ପାଇଁ ଦୈନିକ ୧୪ ଘଣ୍ଟା ପରିଶ୍ରମ କରୁଛନ୍ତି ବୋଲି ପିଲାମାନଙ୍କୁ ପଚାରିଥିଲେ। ସେହିପରି କେଉଁମାନେ ସାମାଜିକ ଗଣମାଧ୍ୟରେ ଦୈନିକ ୧ ଘଣ୍ଟାରୁ କମ୍ ସମୟ ନଷ୍ଟ କରୁଛନ୍ତି, କେଉଁମାନେ ଦୈନିକ ୧୫ ମିନିଟ୍ ଯୋଗ ପ୍ରାଣାୟାମ୍ କରିବା ସହ ପିତାମାତା ଓ ଗୁରୁଜନଙ୍କୁ ସମ୍ମାନ ଦେଉଛନ୍ତି ଏମିତି ୬ଟି ପ୍ରଶ୍ନ ପଚାରିଥିଲେ। ଏହି ସବୁ ପ୍ରଶ୍ନ ଛଳରେ ସେ ଛାତ୍ରଛାତ୍ରୀମାନଙ୍କୁ ସଫଳ ହେବାର ମନ୍ତ୍ର ବତାଇଥିଲେ। ଏହି ଅବସରରେ ଶ୍ରୀ ପାଣ୍ଡିଆନ୍ ଛାତ୍ରଛାତ୍ରୀମାନଙ୍କୁ ନିଜ ଜୀବନର ସଂଘର୍ଷ କାହାଣୀ କହିଥିଲେ। ସେ ବି ଏକ ଗାଁ ସ୍କୁଲରେ ପାଠ ପଢ଼ିଥିଲେ ଏବଂ ଦୈନିକ ୨୦ କିଲୋ ମିଟର ସାଇକେଲ ଚଳାଇ ଯାଉଥିଲେ। ତେଣୁ ସରକାରୀ ବିଦ୍ୟାଳୟରେ ପାଠ ପଢ଼ି ମଧ୍ୟ ଜଣେ ସଫଳ ହୋଇପାରିବ ବୋଲି କହିବା ସହିତ ଅନେକ ସଫଳ ଲୋକଙ୍କ ଉଦାହରଣ ଦେଇ କଠିନ ପରିଶ୍ରମ କରିବା ଲାଗି ଆହ୍ୱାନ ଜଣାଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଅନାବରଣ



**ଭୁବନେଶ୍ୱର,୨୩।୧(ସମିସ):** ଭାରତର ସ୍ୱାଧୀନତା ସଂଗ୍ରାମରେ ଯେଉଁ ମହାନ ବିପ୍ଳବୀମାନେ ନେତୃତ୍ୱ ନେଇ ସଂଗ୍ରାମ ରଥର ସାରଥୀ ସାଜିଥିଲେ, ସେମାନଙ୍କ ମଧ୍ୟରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥିଲେ ଅଗ୍ରଗଣ୍ୟ। ନେତାଜୀ ଥିଲେ ବିଦ୍ରୋହର କର୍ଣ୍ଣଧାର, ସ୍ୱତନ୍ତ୍ରତା ସେନାନୀ, ଶୌର୍ଯ୍ୟ ଓ ସାହସର ପ୍ରତି ସମର୍ପିତ ଏବଂ ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଜଣେ ଶ୍ରେଷ୍ଠ ବିପ୍ଳବୀ ଯୁଗପୁରୁଷ। ନେତାଜୀଙ୍କର ୧୨୭ତମ ଜନ୍ମବାର୍ଷିକୀ ଅବସରରେ ଓଡ଼ିଶା ବିଧାନସଭା ପରିସରରେ ପ୍ରତିଷ୍ଠିତ ନବନିର୍ମିତ ପ୍ରତିମୂର୍ତ୍ତିକୁ ଅନାବରଣ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଷ୍ପଗୁଚ୍ଛ ଅର୍ପଣ କରି ଏହି ମହାନ୍ ଆତ୍ମାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେହିପରି ବୀର ସୁରେନ୍ଦ୍ର ସାଏଙ୍କ ୨୧୫ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ବିଧାନସଭା ପରିସରରେ ଏହି ମହାନାୟକଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ପୁଷ୍ପାର୍ଘ୍ୟ ଅର୍ପଣ କରି ତାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମାତ୍ର ୧୮ ବର୍ଷ ବୟସରେ ବୀର ସୁରେନ୍ଦ୍ର ସାଏ ମା' ମାଟିର ମୁକ୍ତି ପାଇଁ ବ୍ରିଟିଶ ବିରୋଧରେ ଲଢ଼େଇ ଆରମ୍ଭ କରିଥିଲେ। ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଉଥିବା ୧୮୫୭ ସିପାହୀ ବିଦ୍ରୋହର ବହୁ ପୂର୍ବରୁ ସୁରେନ୍ଦ୍ର ସଂଗ୍ରାମ 'ଉଲଗୁଲାନ୍' କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଧାନସଭା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ପ୍ରମିଳା ମଲ୍ଲିକ, ଉପବାଚସ୍ପତି ସାଲୁଗା ପ୍ରଧାନ, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବିଧାୟକ ଅମର ପ୍ରସାଦ ଶତପଥୀ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ଅଶୋକ ବଳ, ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ



# ଦଳକୁ ଫେରିଲେ ମୋକିମ୍, ଚିରଞ୍ଜୀବ

**ଭୁବନେଶ୍ୱର,୨୩।୧(ସମିସ):** କଂଗ୍ରେସର ୩ ହେଭିୱେଟ୍ ନେତା ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦଳ ପକ୍ଷରୁ ବିଧାୟକ ମହମ୍ମଦ ମୋକିମ, ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କ ଉପରୁ ନିଲମ୍ବନ ଆଦେଶ ହଟାଇ ଦିଆଯାଇଥିବା ବେଳେ କୋରାପୁଟର ପୂର୍ବତନ କଂଗ୍ରେସ ବିଧାୟକ କୃଷ୍ଣ ସଗରିଆଙ୍କ ଉପରୁ ମଧ୍ୟ ବହିଷ୍କାର ଆଦେଶ ପ୍ରତ୍ୟାହାର କରାଯାଇଛି। ଏହି ନିର୍ଦ୍ଦେଶନାମା ଦ୍ୱାରା ପୁନର୍ବାର ଏହି ୩ ନେତା ଦଳକୁ ଫେରିଛନ୍ତି। ମଙ୍ଗଳବାର ରାଜ୍ୟ ପିସିସି ପ୍ରଭାରୀ ଡ. ଅଜୟ କୁମାର ସାମ୍ବାଦିକ ସମ୍ମିଳନୀରେ ଦଳର ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେବା ସହିତ ପୂର୍ବଭଳି ଏହି ନେତା ଦଳକୁ ମଜଭୁତ କରିବା ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି।

### କୃଷ୍ଣ ସଗରିଆଙ୍କ ଉପରୁ ହଟିଲା ବହିଷ୍କାର

କଂଗ୍ରେସର ଏହି ନିଷ୍ପତ୍ତି ପରେ ଉଭୟ କୃଷ୍ଣ ସଗରିଆ ଓ ବିଧାୟକ ମହମ୍ମଦ ମୋକିମ୍ ଖୁସିବ୍ୟକ୍ତ କରିବା ସହ ସେମାନେ କଂଗ୍ରେସ ସହ ଥଲେ ଓ ରହିବେ ବୋଲି କହିଛନ୍ତି। ଅଜୟ କୁମାର ପ୍ରଭାରୀ ଭାବେ ନିଯୁକ୍ତି ପାଇବା ପରେ ମୋକିମ୍ ଓ ଚିରଞ୍ଜୀବୀ ତାଙ୍କୁ ସାକ୍ଷାତ କରିଥିଲେ। ଦୁଇ ନେତାଙ୍କ ସହ ଆଲୋଚନା ପରେ ପ୍ରଭାରୀ ଏହି ନିଷ୍ପତ୍ତି ନେଇଛନ୍ତି।

ସୂଚନା ଥାଉ କି ଦଳ ବିରୋଧୀ କାର୍ଯ୍ୟ ପାଇଁ ଚିରଞ୍ଜୀବୀ ଓ ମୋକିମଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା। ରାଷ୍ଟ୍ରପତି ନିର୍ବାଚନ ସମୟରେ ଦଳୀୟ ହୁଇପ୍ ନ ମାନି ବିଧାୟକ ମୋକିମ୍ ସେତେବେଳେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ଭୋଟ୍ ଦେଇଥିଲେ। ସେହିପରି ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ମତଦାନର ମାତ୍ର ୩ ଦିନ ପୂର୍ବରୁ ମୋକିମଙ୍କ ଦ୍ୱାରା ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଚିରଞ୍ଜୀବ ବର୍ତ୍ତମାନର କଂଗ୍ରେସର ସାଂଗଠନିକ ସ୍ଥିତିକୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। ଏହି ଅଭିଯୋଗ ଉପରେ ଉଭୟଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ସେହିପରି ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ କୋରାପୁଟର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆଙ୍କୁ କଂଗ୍ରେସରୁ ବହିଷ୍କାର କରାଯାଇଥିଲା। ୨୦୧୯ ମସିହାରେ ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା।

## ମିଶନ ଶକ୍ତି ମାଆଙ୍କ ସ୍ୱପ୍ନ ସାକାର କଲେ ମୁଖ୍ୟମନ୍ତ୍ରୀ

# ଆଜି ଦୁବାଇ ଯିବେ ୧୧ ଜିଲ୍ଲାର ୩୫ ମାଆ

**ଭୁବନେଶ୍ୱର, ୨୩।୧(ସମିସ):** ମିଶନ ଶକ୍ତି ମାଆଙ୍କ ମନରେ ଥିବା ସ୍ୱପ୍ନକୁ ସାକାର କରିବାକୁ ଯାଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆସନ୍ତାକାଲିଠାରୁ ତିନି ଦିନିଆ ଦୁବାଇ ଗସ୍ତରେ ରାଜ୍ୟର ୧୧ ଜିଲ୍ଲାର ୩୫ ଜଣ ମାଆ ଯାତ୍ରା କରିବାକୁ ଯାଉଛନ୍ତି। ଏକ୍ସପୋଜର୍ ଭିଜିଟ୍‌ରେ ମାଆମାନେ ବିଦେଶ ଗସ୍ତରେ ଯାଉଥିବା ବେଳେ ହାଣ୍ଡିଶାଳରୁ ବାହାରି ସେମାନଙ୍କ ବିଦେଶ ଗସ୍ତ ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଏହି କ୍ରମରେ ଦୁବାଇ ଗସ୍ତରେ ଯିବାକୁ ଥିବା ମାଆମାନେ ଆଜି ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି କୃତଜ୍ଞତା ଜ୍ଞାପନ କରିଛନ୍ତି।

### ନବୀନ ନିବାସରେ ମୁଖ୍ୟମନ୍ତ୍ରୀ, '୫-ଟି' ଅଧ୍ୟକ୍ଷଙ୍କୁ ଜଣାଇଲେ କୃତଜ୍ଞତା



ସୂଚନା ଅନୁଯାୟୀ, ୧୧ ଜିଲ୍ଲା ଭିତରେ ଗଞ୍ଜାମ, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା, ପୁରୀ, ସୋନପୁର ଓ ସୁନ୍ଦରଗଡ଼ର ମାଆ ରହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏକ୍ସପୋଜର ଭିଜିଟ କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ହାତକୁ ନେଇଛି। ଏହି ଗସ୍ତ ଅବସରରେ ସେମାନେ ଦୁବାଇର ଏକାଧିକ ବ୍ୟବସାୟୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ବିଶେଷକରି ସେଠାରେ କେମିତି ବ୍ୟବସାୟ ହେଉଛି, ସେମାନେ କିପରି ଗୁଣବତ୍ତା ଓ ସ୍ୱଚ୍ଛତା ଉପରେ ଧ୍ୟାନ ଦେଉଛନ୍ତି, ମାଆମାନେ ସେନେଇ ଅନୁଧ୍ୟାନ କରିବେ। ଓଡ଼ିଶାର ଧାନ, ଚାଉଳ, ମାଣ୍ଡିଆ, ହସ୍ତଶିଳ୍ପ ଭଳି ସାମଗ୍ରୀ କିଭଳି ବିଦେଶରେ କିପରି ଆଦୃତି ଲାଭ କରିବ, ସେନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହାସହ ମାଆମାନେ ଦୁବାଇର ବିଭିନ୍ନ ଜାଗା ବୁଲି ଦେଖିବେ।

ସୂଚନାଯୋଗ୍ୟ ଯେ ଏସ୍‌ଏଚଜିର ମାଆମାନେ କିପରି ଏସ୍‌ଏମଇ ଗଠନ କରିବେ, ସେନେଇ ମୁଖ୍ୟମନ୍ତ୍ରୀ ବ୍ୟାପକ ସୁଯୋଗ ସୃଷ୍ଟି କରିଛନ୍ତି। ମିଶନ ଶକ୍ତି ମାଆମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ମୁଖ୍ୟସ୍ରୋତକୁ ଆଣିଥିବାରୁ ମିଶନ ଶକ୍ତି ସଚିବ ସୁଜାତା କାର୍ତ୍ତିକେୟନ ପାଣ୍ଡିଆନ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମିଶନ ଶକ୍ତି ମାଆମାନଙ୍କ ଦୁବାଇ ଗସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। ସେମାନେ ବିଦେଶ ଗସ୍ତ ସମୟରେ ସେମାନଙ୍କ ଦକ୍ଷତା ବିକାଶ କରିବା ସହ, ଅନ୍ତର୍ଜାତୀୟ ମାନର ସାମଗ୍ରୀ ପ୍ରସ୍ତୁତ କରିବା ଓ ସେଗୁଡ଼ିକର ବ୍ୟବସାୟ କରିବା ଦିଗରେ ଅଭିଜ୍ଞତା ହାସଲ କରିବା ଲକ୍ଷ୍ୟ ରହିଛି।



### ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# ବାହ୍ୟଶକ୍ତି କବଳରୁ ଦେଶମାତୃକାକୁ ଦେଇଥିଲେ ମୁକ୍ତି

**ଭୁବନେଶ୍ୱର, ୨୩।୧(ସମିସ):** ଭାରତବର୍ଷର ଦୁଇ ବରପୁତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଦେଶପ୍ରେମ, ତ୍ୟାଗ ଓ ବୀରତ୍ୱ ବିଶାଳ ଓ ବ୍ୟାପକ। ଉଭୟଙ୍କ ବ୍ୟକ୍ତିତ୍ୱ ଭିନ୍ନ, ସଂଗ୍ରାମର ସମୟ ଭିନ୍ନ, ପରିବେଶ ଓ ପରିସ୍ଥିତି ଥିଲା ଭିନ୍ନ; କିନ୍ତୁ ଉଭୟଙ୍କ ଉଦ୍ଦେଶ୍ୟ ଥିଲା ଗୋଟିଏ ବାହ୍ୟଶକ୍ତି କବଳରୁ ଦେଶମାତୃକାର ମୁକ୍ତି। ଉଭୟଙ୍କ ସଂଗ୍ରାମ ଓ ବିପ୍ଳବର ଜୟଗାଥା ଭାରତୀୟ ଇତିହାସରେ ଚିରଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇ ଆସୁଥିବ। ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ଆଜି ଏହା କହିଛନ୍ତି।



ମୁଖ୍ୟ ଅତିଥି କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା କହିଲେ, ନେତାଜୀ ଦେଶକୁ ସ୍ୱାଧୀନ କରିବା ପାଇଁ ସଶସ୍ତ୍ର ସଂଗ୍ରାମ କରିଥିବା ବେଳେ ବୀର ସୁରେନ୍ଦ୍ର ସାଏଙ୍କ କୌଶଳପୂର୍ଣ୍ଣ ଗରିଲା ଯୁଦ୍ଧ ଏବଂ ଅସୀମ ସାହସ ନିକଟରେ ଇଂରେଜମାନେ ଅନେକବାର ହାର ମାନିବାକୁ ବାଧ ହୋଇଥିଲେ। ଏହି ବୀରପୁରୁଷଙ୍କ ତ୍ୟାଗ, ତିତିକ୍ଷା ଓ ବଳିଦାନ ଯୋଗୁଁ ଆମେ ଆଜି ସ୍ୱାଧୀନ ଭାରତର ନାଗରିକ ଭାବେ ଗର୍ବ କରୁଛେ। ସମ୍ମାନିତ ଅତିଥି ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର ଦୁଇ ବୀର ସଂଗ୍ରାମୀଙ୍କ ବୀରତ୍ୱ, ଆଦର୍ଶ, ନେତୃତ୍ୱ ଓ ସାଂଗଠନିକ ଦକ୍ଷତା, ଦେଶପ୍ରେମ ଓ ତ୍ୟାଗର ତୁଳନା ନାହିଁ ବୋଲି କହିଥିଲେ।

ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ କେଦାର ମିଶ୍ର ଦୁଇ ମହାପୁରୁଷଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଉଭୟ ସଂଗ୍ରାମୀଙ୍କ ବ୍ୟକ୍ତିତ୍ୱ ଅନନ୍ୟ, ଅସାଧାରଣ ଓ ଅତୁଳନୀୟ ବୋଲି ସେ କହିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ବୈଷୟିକ ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଦେଇଥିଲେ। ସୂଚନା ଅଧିକାରୀ ସୁଶ୍ରୀ ତନୁଜା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ ଦାସ, ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

■ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଦିନରେ ବିରଳ ସଂଯୋଗ

# ଘରକୁ ଆସିଲେ ରାମ-ସୀତା ଓ ରାମ-ରହିମ୍

**ଭୁବନେଶ୍ୱର, ୨୩।୧(ସମିସ):** ସୋମବାର ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଦିନ ଦେଶରେ ବହୁ ଶିଶୁ ଜନ୍ମ ନେଇଥିବା ବେଳେ ଶ୍ରଦ୍ଧାରେ ସେମାନଙ୍କ ବାପା, ମାଆ ଶିଶୁମାନଙ୍କର ନାମ ରାମ, ସୀତା ଆଦି ରଖିଛନ୍ତି। ଏପରି ଏକ ଶୁଭଲଗ୍ନରେ ସେମାନଙ୍କ ସନ୍ତାନ, ସନ୍ତତି ଜନ୍ମ ନେଇଥିବାରୁ ଏହାକୁ ନେଇ ଜାତି, ବର୍ଣ୍ଣ, ଧର୍ମ

- **ଏସ୍‌ସିବି, ଏମ୍‌ସ ଓ କ୍ୟାପିଟାଲ ହସ୍ପିଟାଲରେ ଜନ୍ମନେଲେ ୫୦ରୁ ଅଧିକ ଶିଶୁ**
- **ଅଭିଭାବକମାନେ ଶ୍ରଦ୍ଧାରେ ରଖିଲେ ନାମ**

ନିର୍ବିଶେଷରେ ଅଭିଭାବକମାନେ ଖୁସିରେ ଏପରି କରିଛନ୍ତି। ସମାନ ଭାବେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଏବଂ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ କେନ୍ଦ୍ର(ଏମ୍‌ସ)ରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଶିଶୁ ଜନ୍ମ ଗ୍ରହଣ କରିଛନ୍ତି। ଯାହାକୁ ନେଇ ଅଭିବାବକମାନେ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିବା ସହ ଏହା ରାମଲାଲାଙ୍କ ପ୍ରସାଦ ଏବଂ ଆଶୀର୍ବାଦ ବୋଲି ମତପ୍ରକାଶ କରିଛନ୍ତି। ଉପରୋକ୍ତ ୩ ହସ୍ପିଟାଲ ମଧ୍ୟରୁ କେବଳ ଏସ୍‌ସିବିରେ ୨୬ଟି ଶିଶୁ ଜନ୍ମଗ୍ରହଣ କରିଥିବା ବେଳେ କ୍ୟାପିଟାଲ ହସ୍ପିଟାଲରେ ୧୮ଟି ଶିଶୁ ଜନ୍ମଗ୍ରହଣ କରିଛନ୍ତି। ସେହିପରି ଏମ୍‌ସରେ ୬ରୁ ଅଧିକ ଶିଶୁ ଜନ୍ମଗ୍ରହଣ କରିଥିବା ହସ୍ପିଟାଲ ପକ୍ଷରୁ ସୂଚନା ମିଳିଛି। ତେବେ ଏପରି ଏକ ବିରଳ ତଥା ଶୁଭ ମୁହୂର୍ତ୍ତରେ ସେମାନଙ୍କ ଶିଶୁ ଜନ୍ମଗ୍ରହଣ କରିଥିବା ହେତୁ ଅଭିଭାବକମାନେ ନବଜାତକଙ୍କ ନାମ ରାମ, ସୀତା ଆଦି ରଖିଛନ୍ତି। ଏପରିକି ମୁସଲିମ୍ ସମ୍ପ୍ରଦାୟର ଲୋକେ ମଧ୍ୟ ଶ୍ରୀରାମଙ୍କ ଭକ୍ତିରୁ ବାଦ୍ ପଡ଼ିନଥିବା ଘଟଣା ସାମ୍ନାକୁ ଆସିଛି। ଏସ୍‌ସିବିରେ ଜଣେ ମୁସଲିମ୍ ସମ୍ପ୍ରଦାୟର ମହିଳା ଶିଶୁ ପୁତ୍ରଟିଏ ଜନ୍ମ ଦେଇଥିବା ବେଳେ ତାଙ୍କ ନାମ ରାମ-ରହିମ୍ ରଖିଛନ୍ତି। ଏନେଇ ଏସ୍‌ସିବି ସ୍ତ୍ରୀ ଓ ପ୍ରସୂତି ବିଭାଗର ଜଣେ ଡାକ୍ତର କହିଛନ୍ତି ଯେ ଗତକାଲିର ଦିନକୁ ଅନେକ ବାପା, ମାଆ ଅତ୍ୟନ୍ତ ଶ୍ରଦ୍ଧା ତଥା ଆବେଗର ସହ ଅପେକ୍ଷା କରିଥିଲେ। ଶିଶୁମାନେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଦିନରେ ଜନ୍ମନେବା କ୍ଷଣି ସେମାନଙ୍କର ସମ୍ପର୍କୀୟମାନେ ଖୁବ୍ ଆନନ୍ଦିତ ହେବା ଲକ୍ଷ୍ୟ କରାଯାଇଥିଲା। ସେମାନେ ନିଜର ସନ୍ତାନ ଭାବେ ଭଗବାନ ଶ୍ରୀରାମଙ୍କ ଆଶୀର୍ବାଦ ପାଇଛନ୍ତି ବୋଲି ଅନୁଭବ କରିଥିଲେ ବୋଲି ଡାକ୍ତରଜଣଙ୍କ କହିଛନ୍ତି।

# ଆଇଏମ୍‌ଏ ହେବ ଏକକ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୨୩।୧(ସମିସ):** ଭୁବନେଶ୍ୱରସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ(ଆଇଏମ୍‌ଏ)କୁ ଗଣିତ ହବ୍‌ରେ ପରିଣତ କରାଯିବ। ଦୈନନ୍ଦିନ ଜୀବନରେ ବ୍ୟବହାର ହେଉଥିବା ଓ ଛାତ୍ରଛାତ୍ରୀଙ୍କୁ ତ୍ୱରିତ ନିଯୁକ୍ତି ପ୍ରଦାନରେ ସହାୟକ ହେଉଥିବା ପାଠ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯିବ। ସଠିକ୍ ସମୟରେ ପରୀକ୍ଷା ସହ ଫଳ ପ୍ରକାଶ କରିବାକୁ ପ୍ରାଥମିକତା ଦିଆଯିବ। ଏହାକୁ ଦେଶର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହାକୁ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏକକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପୂର୍ବରୁ ଏହାର ଭିତ୍ତିଭୂମି ସୁଦୃଢ଼ କରାଯାଉଥିବା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି।

ସୂଚନା ଅନୁଯାୟୀ, ଆଇଏମ୍‌ଏକୁ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ପରିଚାଳନା ପରିଷଦ ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବ ଉପରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ନଭେମ୍ବର ୨୮ରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଆଲୋଚନା ହୋଇଛି। ବିଭାଗୀୟ ସଚିବ ଚିତ୍ରା ଅରୁମୁଗାମ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଗତ ବର୍ଷ ପ୍ରତିଷ୍ଠାନର ଭିତ୍ତିଭୂମି ବିକାଶ କରିବା ପାଇଁ ରାଜ୍ୟ ସରକାର ୧୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥରେ କ୍ୟାମ୍ପସ୍ ପରିସରରେ ନୂତନ ଲାଇବ୍ରେରୀ କୋଠା, ଅତିଥି ଭବନ, ଷ୍ଟାଫ୍ କ୍ୱାର୍ଟର୍ସ, ନିର୍ଦ୍ଦେଶକଙ୍କ ବଙ୍ଗଳା ସହ ଆନୁସଙ୍ଗିକ ଉନ୍ନତୀକରଣ କାର୍ଯ୍ୟ ଜାରି



ରହିଛି। ଏହାର ଅଗ୍ରଗତି ସମ୍ପର୍କରେ ମଧ୍ୟ ବୈଠକରେ ସମୀକ୍ଷା କରାଯାଇଛି। ଏହା ସମ୍ପୂର୍ଣ୍ଣ ହେବା ପରେ ଆବଶ୍ୟକ ଭିତ୍ତିଭୂମିରେ ସୁଧାର ଆସିପାରିବ।

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏହି ପ୍ରତିଷ୍ଠାନ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ ହେଲେ ଏକାଡେମିକ୍ ସ୍ୱାଧୀନତା ପାଇପାରିବ। ଅଭିନବ ଯୋଜନା କାର୍ଯ୍ୟାନ୍ୱୟନ କରିବାରେ ନିର୍ଭରଶୀଳ ହେବାକୁ ପଡ଼ିବ ନାହିଁ। ପରୀକ୍ଷା ସୁପରିଚାଳନା କରିବା ପାଇଁ ପ୍ରଶ୍ନପତ୍ର ପ୍ରସ୍ତୁତ କରିବା ସହ ସଠିକ ସମୟରେ ପରୀକ୍ଷା ଓ ଫଳାଫଳ ପ୍ରକାଶ ହୋଇପାରିବ। ଫଳରେ ଛାତ୍ରଛାତ୍ରୀ ସଠିକ୍ ସମୟରେ ପାଠ୍ୟକ୍ରମ ସାରିପାରିବେ। ସେହିପରି ବହୁ ନୂତନ ପାଠ୍ୟକ୍ରମ ପ୍ରଣୟନ କରାଯାଇପାରିବ ବୋଲି ପ୍ରତିଷ୍ଠାନର ନିର୍ଦ୍ଦେଶକ ଯଶୋବନ୍ତ ଜେନା ପ୍ରକାଶ କରିଛନ୍ତି। ଆଇଏମଏକୁ ଚଳିତ ବର୍ଷ ୨୫ବର୍ଷ ପୂରଣ ହେବାକୁ ଥିବା ବେଳେ ଯଥୋଚିତ ଅଗ୍ରଗତି କରିପାରିନାହିଁ। ଦେଶର ଅନ୍ୟ ଗଣିତ ପ୍ରତିଷ୍ଠାନ ସହ ତାଳଦେଇ ଆଇଏମ୍‌ଏକୁ ଅନ୍ୟତମ ଅଗ୍ରଣୀ ପ୍ରତିଷ୍ଠାନ ଭାବେ ପରିଣତ କରିବା ପାଇଁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ସହାୟକ ହେବ ବୋଲି ସେ କହିଛନ୍ତି।

ସମ୍ପ୍ରତି ପ୍ରତିଷ୍ଠାନରେ ୭ଟି ଶିକ୍ଷକ ପଦବୀ ଅନୁମୋଦନ ହୋଇଥିବା ବେଳେ ୪ଟି ପଦ ପୂରଣ ହୋଇଛି। ଖାଲିଥିବା ଶିକ୍ଷକ ପଦ ପୂରଣ କରିବାକୁ ପ୍ରକ୍ରିୟା ଆରମ୍ଭ ପାଇଁ ବିଭାଗୀୟ ଅନୁମୋଦନ ପାଇଁ ପଠାଯାଇଛି। ସେହିପରି ଗୋଟିଏ ହେଲେ ଅଣ ଶିକ୍ଷକ ପଦ ଅନୁମୋଦନ ହୋଇନଥିବା ବେଳେ ୧୧ଟି ଅଣଶିକ୍ଷକ ପଦରେ ନିଯୁକ୍ତି ଦିଆଯାଇଛି। ଏହାସହ ୨୮ ଜଣ ଶିକ୍ଷକ ପଦ ଅନୁମୋଦନ ପାଇଁ ବିଭାଗକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଏକକ ବିଶ୍ୱବିଦ୍ୟାଳୟରେ ପରିଣତ ହେବା ପରେ ଆବଶ୍ୟକ ଅନୁଯାୟୀ ଶିକ୍ଷକ ଓ ଅଣଶିକ୍ଷକ ପଦ ପୂରଣ କରିବା ସହ ବିଶ୍ୱର ଏକ ପ୍ରମୁଖ ପ୍ରତିଷ୍ଠାନ ଭାବେ ଗଢ଼ିବା ପାଇଁ ପ୍ରାଥମିକତା ଦିଆଯିବ ବୋଲି ନିର୍ଦ୍ଦେଶକ ଶ୍ରୀ ଜେନା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ସମ୍ପ୍ରତି ୨୨୫ଜଣ ଛାତ୍ରଛାତ୍ରୀ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି।

# ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

**ସାକ୍ଷୀଗୋପାଳ, ୨୩।୧(ସମିସ):** ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ୍‌ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା 'ନୂଆ-ଓ', ଯୁବ ଓଡ଼ିଶା-ନବୀନ ଓଡ଼ିଶା'ପକ୍ଷରୁ ଅନୁଷ୍ଠିତ ଦୁଇଦିନିଆ ଓଡ଼ିଆ ଭାଷା ସମ୍ମିଳନୀ



ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ତଥା ପ୍ରଫେସର୍ ସବିତା ପ୍ରଧାନ ସଭାପତିତ୍ୱ କରିଥିଲେ। ଯୋଗ ଦେଇଥିବା ଅତିଥିମାନେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅତିଥି ପରିଚୟ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ପ୍ରଫେସର ଅନନ୍ତ କିଶୋର ଜେନା। କୁଳପତି ଅତିଥିଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳସଚିବ ରଶ୍ମିରେଖା ଦାଶ, ଅବସରପ୍ରାପ୍ତ ପ୍ରଫେସର ଗୌରାଙ୍ଗ ଚରଣ ଦାଶ ସାରଳା ଦାସଙ୍କ ମହାଭାରତର ଭାଷା ସମ୍ପର୍କରେ ଆଲୋଚନା କହିଥିଲେ। ନିର୍ଦ୍ଦେଶ ଶାସ୍ତ୍ରୀୟ ଭାଷା ଉତ୍କର୍ଷର କେନ୍ଦ୍ରର ପ୍ରଫେସର୍ ବସନ୍ତ କୁମାର ପଣ୍ଡା ଯୋଗଦେଇ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଅସ୍ମିତା ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ହରପ୍ରସାଦ ମିଶ୍ର ଯୋଗ ଦେଇ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ବ୍ୟାକରଣର ବର୍ଣ୍ଣ ବିଚାର ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ସନ୍ତୋଷ କୁମାର ରଥ ଓଡ଼ିଆ ଉପଭାଷା ଉପଯୋଗିତା ସମ୍ପର୍କରେ ମତ ରଖିବା ପରେ ଅବସରପ୍ରାପ୍ତ ପ୍ରଫେସର ଗିରୀଶ ଚନ୍ଦ୍ର ମିଶ୍ର ଆଜିର ଦିନରେ କମ୍ପ୍ୟୁଟରୀକରଣ ଓଡ଼ିଆ ଭାଷା ସମ୍ପର୍କରେ ନିଜସ୍ୱ ମତ ପ୍ରକାଶ କରିଥିଲେ। ଅଧ୍ୟାପକ ସଙ୍ଗୀତା ଜେନା ଧନ୍ୟବାଦ ଦେଇଥିଲେ।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଯୋଗଦେବେ ଐତିହାସିକ ହରମନ କୁଲ୍‌କେ

**ଭୁବନେଶ୍ୱର,୨୩।୧(ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରଥମ ଦିନରେ ଯୋଗଦେବେ ଐତିହାସିକ ପଦ୍ମଶ୍ରୀ ହର୍‌ମାନ୍ କୁଲ୍‌କେ। ଜର୍ମାନୀର ବର୍ଲିନ ଜନ୍ମିତ ପ୍ରଫେସର କୁଲ୍‌କେ ଭାରତୀୟ ଉପମହାଦେଶର ଭାଷା, ସଂସ୍କୃତି, ସାହିତ୍ୟ ଓ ଇତିହାସ ଅଧ୍ୟୟନ ଓ ଗବେଷଣା କ୍ଷେତ୍ରରେ ଅଗାଧ ପାଣ୍ଡିତ୍ୱ ରହିଛି। ସେହିଭଳି ଓଡ଼ିଶା ସହ ତାଙ୍କର ସମ୍ପର୍କ ଅତ୍ୟନ୍ତ ନିବିଡ଼।



ରାଜ୍ୟର କଳା, ସଂସ୍କୃତି ପ୍ରତି ମଧ୍ୟ ତାଙ୍କର ସ୍ୱତନ୍ତ୍ର ରୁଚି ରହିବା ସହ ଓଡ଼ିଶାର ଇତିହାସକୁ ସେ ଅତି ନିକଟରୁ ଦେଖିଛନ୍ତି। ସେ ଓଡ଼ିଶାର ଇତିହାସକୁ ନେଇ ଅନେକ ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶ କରିଛନ୍ତି। ୧୯୭୦ରୁ ୧୯୭୫ ମସିହା ମଧ୍ୟରେ ସେ ଓଡ଼ିଶା ଗବେଷଣା ପ୍ରକଳ୍ପର ପ୍ରତିଷ୍ଠାତା ସଦସ୍ୟ ରହିବା ସ ସଂଯୋଜକ ଭାବେ ସୂଚାରୁ ରୂପେ କାର୍ଯ୍ୟ ତୁଲାଇଛନ୍ତି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୯୭୮ରୁ ୭୯ ମସିହା ମଧ୍ୟରେ ଭିଜିଟିଂ ପ୍ରଫେସର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି।

ଅନ୍ୟପକ୍ଷରେ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଶାର ଆଞ୍ଚଳିକ ପରମ୍ପରା, ଓଡ଼ିଶା ଓ ଭାରତର ସାଂସ୍କୃତିକ ଐକ୍ୟ, ଓଡ଼ିଶାର ରୂପରେଖ, ଜଗନ୍ନାଥ ସଂସ୍କୃତି ଓ ଗଜପତି ପରମ୍ପରା, ଓଡ଼ିଶାର କୁର୍ମୀ ସମ୍ପ୍ରଦାୟ, ଓଡ଼ିଶା ଓ ବିଜୟନଗରର ମଧ୍ୟଯୁଗୀୟ ଇତିହାସ ଉପରେ ବିଭିନ୍ନ ଲେଖାମାନ ଲେଖି ଓଡ଼ିଶାର ନିକଟତର ହୋଇପାରିଛନ୍ତି। ବହୁ ବର୍ଷର ବ୍ୟବଧାନ ପରେ ପ୍ରଫେସର କୁଲ୍‌କେଙ୍କ ପରି ଜଣେ ମହାନ ଐତିହାସିକଙ୍କଠାରୁ ଓଡ଼ିଶାବାସୀ ସାରଗର୍ଭକ ତଥ୍ୟଭିତ୍ତିକ ସୂଚନା ପାଇବାର ସୁଯୋଗ ପାଇବେ।

# ଦେଢ଼କୋଟିରେ ପହଞ୍ଚିଲାଣି 'ଅର୍ପଣ' ଅର୍ଥ

**ପୁରୀ, ୨୩।୧(ସମିସ):** ଅର୍ପଣ ରଥରେ ସଂଗୃହୀତ ଭକ୍ତଙ୍କ ଦାନ ଅର୍ଥ ଶ୍ରୀମନ୍ଦିରକୁ ଆସୁଛି। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ କାଉଣ୍ଟର ଖୋଲାଯାଇଛି। ତେବେ ମଙ୍ଗଳବାର ସୁଦ୍ଧା ଏହି ଦାନଅର୍ଥ ପ୍ରାୟ ଦେଢକୋଟିରେ ପହଞ୍ଚିଛି। ସୋମବାର ପ୍ରଥମ ଦିନରେ ପ୍ରାୟ ୫୦ ଲକ୍ଷ ଟଙ୍କା ଆସିଥିବା ବେଳେ ମଙ୍ଗଳବାର ଦ୍ୱିତୀୟ ଦିନରେ ପ୍ରାୟ କୋଟିଏ ଟଙ୍କା ଆସିଛି। ସମ୍ପୃକ୍ତ ଜିଲ୍ଲାର ପ୍ରତିନିଧିମାନେ ଆସି ଏହି ଟଙ୍କା ଦେଇ ରସିଦ୍ ନେଉଛନ୍ତି। ଏଥିପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଡୋନେସନ ସେଲ୍‌ଫ ଖୋଲାଯାଇଛି। ସଂଗୃହିତ ଅର୍ଥ ରାଶି ଶ୍ରୀମନ୍ଦିର ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ। ଏହି କାଉଣ୍ଟର ୪ ଦିନ ପାଇଁ ଅର୍ଥାତ୍ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଖୋଲାରହିବ। ଟଙ୍କା ଗଣି ରଖିବା ପାଇଁ ସ୍ୱତନ୍ତ୍ର ଭାବେ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ୫ଟି ଟଙ୍କାଗଣତି ମେସିନ ରଖାଯାଇଛି।

# ପଣ୍ୟ ବୋଝେଇରେ ପୂର୍ବତଟ ରେଳପଥର ରେକର୍ଡ

**ଭୁବନେଶ୍ୱର, ୨୩।୧(ସମିସ):** ପୂର୍ବତଟ ରେଳପଥ ୨୦୨୩-୨୪ ଆର୍ଥିକ ବର୍ଷରେ ମାଲ ପରିବହନରେ ଭାରତୀୟ ରେଳର ସମସ୍ତ ରେକର୍ଡକୁ ଅତିକ୍ରମ କରିଛି। ୧ଏପ୍ରିଲ ୨୦୨୩ ରୁ ୨୨ଜାନୁଆରୀ ୨୦୨୪ ପର୍ଯ୍ୟନ୍ତ ୨୦୨.୧୧୧ ନିୟୁତ ଟନ୍ ପଣ୍ୟ ପରିବହନ କରିଛି। ଗତ ଆର୍ଥିକ ବର୍ଷରେ ସମାନ ସମୟରେ ୧୯୧.୩୯ ନିୟୁତ ଟନ୍ ସର୍ବାଧିକ ମାଲ ଲୋଡିଂର ପୂର୍ବ ରେକର୍ଡକୁ ଭାଙ୍ଗିଛି। ଏହାଦ୍ୱାରା ପୂର୍ବତଟ ରେଳପଥ କ୍ରମାଗତ ଭାବେ ପଞ୍ଚମଥର ପାଇଁ ୨ଶହ ନିୟୁତ ଟନ୍ ପଣ୍ୟ ବୋଝେଇର ମାଇଲଖୁଣ୍ଟ ଅତିକ୍ରମ କରିବାରେ ପ୍ରଥମ ରେଳ ଜୋନ ଭାବେ ଧାରା ବଜାୟ ରଖିଛି। ପୂର୍ବତଟ ରେଳପଥର ତିନୋଟି ରେଳ ମଣ୍ଡଳ ଦ୍ୱାରା ହାସଲ ହୋଇଥିବା ପ୍ରଦର୍ଶନରେ ବହୁ ଅବଦାନ ଦେଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ୧୨୧.୭୪୭ ନିୟୁତ ଟନ୍ କୋଇଲା, ୧୦.୬୫ ନିୟୁତ ଟନର କଞ୍ଚାମାଲ ଇସ୍ପାତ କାରଖାନାକୁ ୧୬.୩୯୮ ନିୟୁତ ଟନ ପିଗ ଆଇରନ୍ ଏବଂ ଉତ୍ପାଦ ଇସ୍ପାତ ୨୪.୦୧୮ ନିୟୁତ ଟନ୍ ଲୁହାପଥର, ୧.୧୯୨ ନିୟୁତ ଟନ୍ ସିମେଣ୍ଟ, ୨.୪୧୫ ନିୟୁତ ଟନ୍‌ର ଖାଦ୍ୟଶସ୍ୟ, ୫.୨୩୫ ନିୟୁତ ଟନ୍ ସାର, ୨.୪୨୫ ନିୟୁତ ଟନ୍ ଖଣିଜ ତେଲ, କଣ୍ଟେନର୍‌ରେ ୩.୭୭୪ ନିୟୁତ ଟନ୍ ମାଲ ପରିବହନ ଏବଂ ୧୪.୩୫୮ ନିୟୁତ ଟନ୍‌ର ଅନ୍ୟାନ୍ୟ ସାମଗ୍ରୀ ପରିବହନ କରିପାରିଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମାଙ୍କ ନେତୃତ୍ୱରେ ଏହି ରେଳ ଜୋନ୍ ପଣ୍ୟ ପରିବହନ କ୍ଷେତ୍ରରେ ଦକ୍ଷତା ଅର୍ଜନ କରିଛି।

# ସାମ୍ବାଦିକ ଅରୁଣ ପଣ୍ଡାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର, ୨୩।୧(ସମିସ):** ବରିଷ୍ଠ ସାମ୍ବାଦିକ ଅରୁଣ ପଣ୍ଡାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ ଉଲ୍ଲେଖ କରିଛନ୍ତି ଯେ ବରିଷ୍ଠ ସାମ୍ବାଦିକ, ସୁବକ୍ତା ତଥା ସୁଲେଖକ ଅରୁଣ ପଣ୍ଡାଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଜଣେ ଦକ୍ଷ, ନିର୍ଭୀକ ସାମ୍ବାଦିକ ଭାବେ ତାଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ସାମ୍ବାଦିକତା କ୍ଷେତ୍ରରେ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ। ସମାଜସେବା କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

■ କଳାଭୂମି ସାହିତ୍ୟୋତ୍ସବ

# ୫ ଜଣଙ୍କୁ ସାହିତ୍ୟ ଉତ୍କର୍ଷ ସମ୍ମାନ



**ଭୁବନେଶ୍ୱର,୨୩।୧(ସମିସ):** କଳା, ସଂସ୍କୃତି, ସାହିତ୍ୟ ଓ ସେବାର ଅନୁଷ୍ଠାନ କଳାଭୂମି ପକ୍ଷରୁ ରାଜ୍ୟସ୍ତରୀୟ 'କଳାଭୂମି ସାହିତ୍ୟ ଉତ୍ସବ' ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଶାସ୍ତ୍ରୀୟଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏହି ଉତ୍ସବକୁ ପଦ୍ମବିଭୂଷଣ ସୁଦର୍ଶନ ସାହୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ, ସାହିତ୍ୟିକ ତଥା ସଂଯୋଜକ ଡ. ମୃତ୍ୟୁଞ୍ଜୟ ରଥ, ବରିଷ୍ଠ କବି ଓ ସ୍ତମ୍ଭକାର ଦୁର୍ଗାଚରଣ ଷଡ଼ଙ୍ଗୀ, ସାହିତ୍ୟିକା ଶ୍ରୁତକୀର୍ତ୍ତି ତ୍ରିପାଠୀ ପ୍ରମୁଖ ଯୋଗଦେଇ ସାହିତ୍ୟ ଓ ଗଣମାଧ୍ୟମ ଶୀର୍ଷକ ଉପରେ ଆଲୋଚନା କରିଥିଲେ। ଏହାର ପରବର୍ତ୍ତୀ ପର୍ଯ୍ୟାୟରେ କବିତା ଆସର ଆୟୋଜିତ ହୋଇଥିଲା। ଯେଉଁଥିରେ ମୁଖ୍ୟ ଅତିଥିଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ.ଆଶୁତୋଷ ପରିଡ଼ା ଯୋଗ ଦେଇଥିଲେ। ଏହି ଅବସରରେ କବିତାରେ ରକ୍ଷକ ନାୟକ, ନାଟକରେ ଶଙ୍କର ତ୍ରିପାଠୀ, ପ୍ରବନ୍ଧରେ ପ୍ରଫେସର ମଣୀନ୍ଦ୍ର ମେହେର, ପତ୍ରିକା ସମ୍ପାଦନାରେ ସ୍ନେହଲତା ପୃଷ୍ଟି ଓ ଗଳ୍ପରେ ଶୁଭାଂଶୁ ପଣ୍ଡାଙ୍କୁ 'ସାହିତ୍ୟ ଉତ୍କର୍ଷ ସାମ୍ମାନ'ରେ ସମ୍ମାନିତ କରାଯାଇଥିଲା।

### ଫତେଗଡ଼ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ

# 'ଏଭଳି ମନ୍ଦିର ଓଡ଼ିଶାରେ ବିରଳ'





**ନୟାଗଡ଼/ଭାପୁର, ୨୩।୧ (ସମିସ):** ଫତେଗଡ଼ଠାରେ ଚାଲିଥିବା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟର ଦ୍ୱିତୀୟ ଦିନରେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଅତିଥି ଭାବେ ଯୋଗ ଦେଇଥିଲେ। ସେ ପ୍ରଭୁ ଶ୍ରୀରାମ, ମାତା ସୀତା ଏବଂ ଲକ୍ଷ୍ମଣଙ୍କ ଭବ୍ୟ ମୂର୍ତ୍ତି ଦର୍ଶନ କରିବା ସହ ମନ୍ଦିର ପରିକ୍ରମା କରିଥିଲେ। ଏହି ଅବସରରେ ସାଂସଦ ଶ୍ରୀ ମଙ୍ଗରାଜ କହିଥିଲେ ଯେ ଏଭଳି ମନ୍ଦିର ନିର୍ମାଣ ଓଡ଼ିଶାରେ ବିରଳ। ପାହାଡ଼ ଉପରେ ସୁନ୍ଦର କାରୁକାର୍ଯ୍ୟସଂପନ୍ନ ଏହି ମନ୍ଦିରକୁ କିଭଳି ଅଧିକରୁ ଅଧିକ ଶ୍ରଦ୍ଧାଳୁ ଆସିବେ, ତାହା ଉପରେ ଗୁରୁତ୍ୱ ଦିଆଯିବ। ଅଞ୍ଚଳବାସୀ ଓ ଭାପୁର ବ୍ଲକ ଅଧ୍ୟକ୍ଷଙ୍କୁ ଶ୍ରୀ ମଙ୍ଗରାଜ ଧନ୍ୟବାଦ ଦେବା ସହ କିଭଳି ଆଧ୍ୟାତ୍ମିକ ଭାବାବେଗ ପରିବେଶ ସୃଷ୍ଟି ହେବ, ସେନେଇ ଧ୍ୟାନ ଦିଆଯିବ ବୋଲି କହିଥିଲେ। ସାଂସଦ ଶ୍ରୀ ମଙ୍ଗରାଜଙ୍କ ସହ ଦୈନିକ 'ସକାଳ' ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ଦାସ, 'ସକାଳ'ର ପ୍ରକାଶକ ଅମିତ କୁମାର ମଲ୍ଲିକ ମଧ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ହଜାର ହଜାର ଲୋକ ଅତିଥିମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସଙ୍କୀର୍ତ୍ତନ ଦଳ ସହ ସ୍ଥାନୀୟ ଜନସାଧାରଣ ଏବଂ ସ୍ୱାଗତ ସମିତି ପକ୍ଷରୁ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା। ଅତିଥିମାନେ ପ୍ରଥମେ ଯଜ୍ଞକୁଣ୍ଡ ନିକଟରେ ପହଞ୍ଚିଥିଲେ। ସେଠାରେ ପୂଜା କାର୍ଯ୍ୟରେ ସାମିଲ ହେବା ସହ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାପୁର ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଖଣ୍ଡପଡ଼ା ବ୍ଲକ୍ ଉପାଧ୍ୟକ୍ଷ ଶିଶିର ସାହୁ, ଖଣ୍ଡପଡ଼ା ବ୍ଲକ୍ ଅଧ୍ୟକ୍ଷା ଉପାଧ୍ୟକ୍ଷ ଉପମା ବେହେରା, ଜିଲ୍ଲା ପରିଷଦ ସଭ୍ୟ, ଭାପୁର ବ୍ଲକ ମହିଳା ସଭାପତି କବିତା ମହାରଣା ଓ ଖଣ୍ଡପଡ଼ା ବ୍ଲକ ମହିଳା ସଭାପତି ମିନତି ସାହୁ ଯୋଗ ଦେଇଥିଲେ। ଗୁରୁବାରଠାରୁ କଳସଯାତ୍ରା ପରେ ଆୟୋଜିତ ହୋଇଥିବା ସାତଦିନିଆ ପ୍ରତିଷ୍ଠା ଉତ୍ସବର ବୁଧବାର ପୂର୍ଣ୍ଣାହୁତି ଦିଆଯିବ। ବାରଜଣ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ହେଉଥିବା ମହାଯଜ୍ଞରେ ବ୍ରାହ୍ମଣମାନଙ୍କ ବେଦ ପାଠ ସହ ସାଧୁସନ୍ଥଙ୍କ ଭଜନ କୀର୍ତ୍ତନ ପରିବେଶକୁ ଭାବମୟ କରିଛି।

**ଶ୍ରୀରାମଙ୍କୁ ଦର୍ଶନ କଲେ ରାଜ୍ୟସଭା ସାଂସଦ ମାନସ**

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୫ ● ପାଉଣ୍ଡ ୧୦୫.୩୯
- ୟୁରୋ ୯୦.୬୮ ● ୟେନ୍ ୦.୫୬

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୯୫୦ (ନୂଆଦିଲ୍ଲୀ)
- ରୁପା : ୭୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୦,୩୭୦.୦୦
- ନିଫ୍ଟି ୨୧,୨୩୮.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬

## ଖେଳ କରିଦେଲେ ଏଫ୍ଆଇଆଇ

# ଭୁଶୁଡ଼ିଲା ଶେୟାର ବଜାର



**୧୦୫୩ ପଏଣ୍ଟ ଖସିଲା ସେନ୍‌ସେକ୍ସ**

**୬ ଘଣ୍ଟାରେ ବୁଡିଗଲା ୮.୫ ଲକ୍ଷ କୋଟି**

**ନିବେଶକ ହେଲେ କାଙ୍ଗାଳ**

**ମୁମ୍ବଇ,୨୩।୧(ଏଜେନ୍ସି):** ଘରୋଇ ପୁଞ୍ଜିବଜାରକୁ ଲାଗିଛି ଝଟ୍‌କା ପରେ ଝଟ୍‌କା। ୧୬୦୦ ପଏଣ୍ଟରୁ ଅଧିକ ହ୍ରାସ ହେବାର ସପ୍ତାହକରେ ପୁଣି ଥରେ ଧରାଶାୟୀ ହୋଇଛି ବଜାର। ଏବେ ବିଦେଶୀ ସଂସ୍ଥାଗତ ନିବେଶକ(ଏଫ୍ଆଇଆଇ) ମାନେ ଦେଇଛନ୍ତି ଏଭଳି ବଡ଼ ଝଟ୍‌କା। ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍ଇ) ସେନ୍‌ସେକ୍ସରେ ୧୦୫୦ ପଏଣ୍ଟରୁ ଅଧିକ ହ୍ରାସ ଘଟିଛି। ଆରମ୍ଭରୁ ବଜାର କାରବାରରେ ଉତ୍ସାହ ଦେଖିବାକୁ ମିଳିଥିବାବେଳେ ହଠାତ୍ ଖସିବାରେ ଲାଗିଥିଲା ଘରୋଇ ଶେୟାର ବଜାର। ଗତ ଦୁଇ ମାସ ଧରି ପ୍ରଚୁର ଖରିଦାରି କରିବା ପରେ ଅଠାତ୍ ଏଫ୍ଆଇଆଇମାନେ ଅତ୍ୟଧିକ ଇକ୍ୱିଟି ବିକ୍ରି କରିବା ପରେ ବଜାର ସୂଚକାଙ୍କ ନିମ୍ନମାଗୀ ହୋଇଥିଲା। ମାତ୍ର ୬ ଘଣ୍ଟା ମଧ୍ୟରେ ବଜାରରେ ନିବେଶକଙ୍କର ସାଢ଼େ ଆଠ ଲକ୍ଷ କୋଟି ଟଙ୍କା ବୁଡିଯାଇଛି। ଏଥିଯୋଗୁ ନିବେଶକ ଦିନକରେ କାଙ୍ଗାଳ ହୋଇଯାଇଛନ୍ତି। ଏହାବାଦ୍ ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଏସ୍‌ବିଆଇ ଘରୋଇ ବଜାରକୁ ବୁଡ଼ାଇଛନ୍ତି।

ମଙ୍ଗଳବାର କାରବାରରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍ଇ) ସେନ୍‌ସେକ୍ସରେ ୧୦୫୩(୧୦୫୩.୧୦) ପଏଣ୍ଟ ବା ୧.୪୭ ପ୍ରତିଶତ ହ୍ରାସ ଘଟିଥିବାବେଳେ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୩୩୩ ପଏଣ୍ଟ ବା ୧.୫୪ ପ୍ରତିଶତ ହ୍ରାସ ହୋଇ ୨୧,୨୩୮ ପଏଣ୍ଟରେ ପହଞ୍ଚିଛି। ମଙ୍ଗଳବାର କାରବାରରେ ଏଚଡିଏଫସି ବ୍ୟାଙ୍କର ସେୟାର ମୂଲ୍ୟରେ ଲଗାତାର ହ୍ରାସ ଯୋଗୁ ଘରୋଇ ଇକ୍ୟୁଟି ବେଞ୍ଚମାର୍କ ସୂଚକାଙ୍କ ସେନସେକ୍ସ ଏବଂ ନିଫ୍ଟି ଧରାଶାୟୀ ହୋଇଛି। ଆମେରିକାର ଜିଡିପି ତଥ୍ୟ ଏବଂ ୟୁରୋପୀୟ ବ୍ୟାଙ୍କର ସୁଧ ହାର ନିଷ୍ପତ୍ତିକୁ ନିବେଶକମାନେ ଚାତକ ଭଳି ଅପେକ୍ଷା କରିଛନ୍ତି। ଦିନ ଯାକର କାରବାରରେ ଫାର୍ମା ଶେୟାରଗୁଡିକ ଆଜି ବଜାରକୁ ସମ୍ଭାଳିବା ପାଇଁ ପ୍ରୟାସ କରିଥିଲେ ସୁଦ୍ଧା ଅନ୍ୟ କୌଣସି କ୍ଷେତ୍ରରୁ ସପୋର୍ଟ ନ ମିଳିବା ଯୋଗୁ ବଜାରରେ ଆଜି ବିଏସଇରେ ସୂଚୀବଦ୍ଧ କମ୍ପାନୀଗୁଡିକର ବଜାର ପୁଞ୍ଜି ଆଜି ୮.୩୭ ଲକ୍ଷ କୋଟି ଟଙ୍କା କମିଛି। କ୍ଷେତ୍ର ଭିତ୍ତିରେ ଦେଖିଲେ ଆଜି ନିଫ୍ଟିର ଫାର୍ମା ଏବଂ ସ୍ୱାସ୍ଥ୍ୟସେବା ସୂଚକାଙ୍କ ସବୁଜ ସଂକେତରେ ବନ୍ଦ ହୋଇଛି। ନିଫ୍ଟି ବ୍ୟାଙ୍କ ଶେୟାର ମୂଲ୍ୟରେ ଆଜି ୨.୨୬ ପ୍ରତିଶତ ହ୍ରାସ ହୋଇଛି। ବଜାରରେ ମଙ୍ଗଳବାର ଭଳି ବୃହତ୍ ହ୍ରାସ ଯୋଗୁ ନିବେଶକଙ୍କ ପଞ୍ଜିରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ଏହାର ପୂର୍ବ କାରବାର ଦିବସ ଅର୍ଥାତ୍ ଜାନୁଆରୀ ୨୦ରେ ବିଏସଇରେ ସୂଚୀବଦ୍ଧ କମ୍ପାନିଗୁଡିକର ବଜାର ପୁଞ୍ଜି ୩୭୪.୪୧ ଲକ୍ଷ କୋଟି ଟଙ୍କା ରହିଥିଲା, ଯାହା ଆଜି ହ୍ରାସ ଘଟି ୩୬୬.୦୪ ଲକ୍ଷ କୋଟି ଟଙ୍କା ହୋଇଛି। ଏହାର ଅର୍ଥ ହେଉଛି ଆଜି ପୁଞ୍ଜି ବଜାରରେ ନିବେଶକଙ୍କୁ ୮.୩୭ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି।

## ଭାରତ ବିଶ୍ୱର ୪ର୍ଥ ବୃହତ୍ ଶେୟାର ବଜାର

**ନୂଆଦିଲ୍ଲୀ,୨୩।୧(ଏଜେନ୍ସି):** କ୍ରମାଗତ ଭାବେ ବଢୁଥିବା ଖୁଚୁରା ନିବେଶକାରୀଙ୍କ ସଂଖ୍ୟା ଏବଂ ଦୃଢ କର୍ପୋରେଟ୍ ଆୟ କାରଣରୁ ଭାରତୀୟ ଇକ୍ୱିଟି ବଜାର ଦ୍ରୁତ ଗତିରେ ବଢିଚାଲିଛି। ଯାହାଫଳରେ ଭାରତ ବିଶ୍ୱର ୪ର୍ଥ ବୃହତ୍ ଶେୟାର ବଜାର ମାନ୍ୟତା ହାସଲ କରିଛି। ଏ କ୍ଷେତ୍ରରେ ଦେଶ ହଂକଂକୁ ପଛରେ ପକାଇଦେଇଛି। ସୋମବାର ଭାରତୀୟ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ଷ୍ଟକ୍‌ଗୁଡ଼ିକର ମିଳିତ ବଜାର ପୁଞ୍ଜି (କମ୍ପାନୀଗୁଡିକର ଶେୟାର୍ ମୂଲ୍ୟ) ୪ ଲକ୍ଷ ୩୩ ହଜାର କୋଟି ଡଲାରରେ ପହଞ୍ଚିଥିବାବେଳେ ହଂକଂ ଷ୍ଟକ୍ ବଜାରର ମୋଟ ବଜାର ପୁଞ୍ଜି ଭାରତଠାରୁ କମ୍ ରହିଛି। ହଂକଂ




**ପଛରେ ପଡିଲା ହଂକଂ**

ଷ୍ଟକ୍ ବଜାରର ବଜାର ପୁଞ୍ଜି ୪ ଲକ୍ଷ ୨୯ ହଜାର କୋଟି ଡଲାରରେ ପହଞ୍ଚିଛି। ଏଥିସହ ଭାରତ ବିଶ୍ୱର ଚତୁର୍ଥ ବୃହତ୍ ଇକ୍ୱିଟି ବଜାରରେ ପରିଣତ ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଘରୋଇ ବଜାରର ବଜାରପୁଞ୍ଜି ଡିସେମ୍ବର ୫ ରେ ପ୍ରଥମ ଥର ପାଇଁ ୪ ଟ୍ରିଲିୟନ ଡଲାର ଅତିକ୍ରମ କରିଥିଲା। ଏଥିରୁ ଗତ ଚାରି ବର୍ଷରେ ପ୍ରାୟ ୨ ଟ୍ରିଲିୟନ ଡଲାର ଆସିଛି। ଦୁନିଆର ସବୁଠାରୁ ଜନବହୁଳ ଦେଶ ଚୀନର ବିକଳ୍ପ ଭାବେ ଭାରତ ନିଜକୁ ଉପସ୍ଥାପିତ କରିଛି। ଭାରତୀୟ ବଜାର ବର୍ତ୍ତମାନ ବିଶ୍ୱର ନିବେଶକ ଏବଂ କମ୍ପାନୀଗୁଡିକରୁ ନୂଆ ପୁଞ୍ଜି ଆକର୍ଷିତ କରୁଛି। ଗୋଟିଏ ପଟେ ଭାରତୀୟ ଷ୍ଟକ୍ ବଜାର କ୍ରମାଗତ ଭାବେ ବୃଦ୍ଧି ପାଉଥିବାବେଳେ ହଂକଂ ବଜାରରେ ହ୍ରାସ ଦେଖିବାକୁ ମିଳୁଛି। ଚୀନ୍ ଏବଂ ହଂକଂ ଷ୍ଟକ୍‌ଗୁଡିକର ମୋଟ ବଜାର ମୂଲ୍ୟ ୬ ଲକ୍ଷ କୋଟି ଡଲାରରୁ ଅଧିକ ହ୍ରାସ ପାଇଥିବା ରିପୋର୍ଟରେ ଦର୍ଶାଯାଇଛି।

## ପିଏନ୍‌ବି ଏମ୍‌ଡିଙ୍କ ଭୁବନେଶ୍ୱର ଗସ୍ତ

**ଭୁବନେଶ୍ୱର,୨୩।୧(ସିମସ):** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅତୁଲ କୁମାର ଗୋଏଲ ଭୁବନେଶ୍ୱରକୁ ଦୁଇଦିନିଆ ଗସ୍ତରେ ଆସି ବ୍ୟାଙ୍କ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେ ଏହି ଅବସରରେ ସେ ପୁରୀ ପରିଦର୍ଶନ କରିଥିବା ସହ ମନ୍ଦିର ପ୍ରଶାସନକୁ ଏକ ଆମ୍ବୁଲାନ୍ସ ପ୍ରଦାନ କରିଥିଲେ। ଶ୍ରୀ ଗୋଏଲ ପୁରୀସ୍ଥିତ ପିଏନ୍‌ବି ସାକ୍ଷାତ କରି ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇ, କୃଷି ଏବଂ ସରକାରୀ ପ୍ରାୟୋଜିତ ବିଭିନ୍ନ ଯୋଜନାଗୁଡିକ କ୍ଷେତ୍ରରେ ବ୍ୟାଙ୍କର ଅଭିବୃଦ୍ଧି ସମ୍ପର୍କରେ ସୁନିଶ୍ଚିତ କରାଇଥିଲେ। ଏହି ଅବସରରେ ସେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଏବଂ ସମ୍ ହସ୍ପିଟାଲରେ ଆୟୋଜିତ ସିଏସ୍‌ଆର୍ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ଏ ଉଦୟ ଭାସ୍କର ରେଡ୍ଡି , ଭୁବନେଶ୍ୱର ମଣ୍ଡଳର ମଣ୍ଡଳ ମୁଖ୍ୟ



ହଲିଡେ ହୋମ୍‌ର ମଧ୍ୟ ଉଦ୍‌ଘାଟନ କରିଥିଲେ। ଶ୍ରୀ ଗୋଏଲ ୫ ଟି ଏବଂ ନବୀନ ଓଡିଶା ଅଧ୍ୟକ୍ଷ ଭି.କେ ପାଣ୍ଡିଆନ୍‌ଙ୍କୁ ଲକ୍ଷ୍ମୀକାନ୍ତ ମିଶ୍ର, ଉପ-ଆଞ୍ଚଳିକ ପ୍ରବନ୍ଧକ ସମରେନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ‘ପ୍ରଧାନମନ୍ତ୍ରୀ ସୂର୍ଯ୍ୟୋଦୟ ଯୋଜନା’

## ଆବେଦନ ପାଇଁ ପୋର୍ଟାଲ୍ ଖୁବ୍‌ଶୀଘ୍ର

**ନୂଆଦିଲ୍ଲୀ,୨୩।୧(ଏଜେନ୍ସି):** ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ କେନ୍ଦ୍ର ସରକାର ‘ପ୍ରଧାନମନ୍ତ୍ରୀ ସୂର୍ଯ୍ୟୋଦୟ ଯୋଜନା’ର ଶୁଭାରମ୍ଭ କରିଛନ୍ତି। ଏଥିରେ କେନ୍ଦ୍ର ସରକାର ଦେଶର ୧ କୋଟି ଘରରେ ରୁଫ୍ ଟପ୍ ସୋଲାର ସଂସ୍ଥାପନ କରିବା ସମ୍ପର୍କରେ ଘୋଷଣା କରିଛନ୍ତି। ତେବେ ଏହି ଯୋଜନା ପାଇଁ ଆବେଦନ କରିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ଅଫିସିଆଲ୍ ୱେବସାଇଟ୍, ପୋର୍ଟାଲ୍ କିମ୍ବା ଏଥିପାଇଁ କୌଣସି ପ୍ରକ୍ରିୟା ଆରମ୍ଭ କରାଯାଇନାହିଁ। ଏଥିପାଇଁ ଖୁବ୍ ଶୀଘ୍ର ଏକ ପୋର୍ଟାଲ୍ ଆରମ୍ଭ କରାଯିବ। ଏହାକୁ ସରକାର ପୋର୍ଟାଲ୍ ନ୍ୟାସନାଲ୍ ପୋର୍ଟାଲ୍ ଫର ରୁଫ୍ ଟପ୍ ସୋଲାରରେ ଆବେଦନ କରାଯାଇପାରିବ।

ରୁଫ୍ ଟପ୍ ସୋଲାର ସଂସ୍ଥାପନ



ଦ୍ୱାରା ବିଦ୍ୟୁତ୍ ଉପଯୋଗ ହ୍ରାସ ପାଇବ। ଯେଉଁମାନଙ୍କ ଘର ଛାତରେ ପର୍ଯ୍ୟାପ୍ତ ସ୍ଥାନ ଅଛି, ସେହି ସମାନ ବାହାନାରେ ମଧ୍ୟ ଏହା ବ୍ୟବହାର କରାଯିବ। ପ୍ରାରମ୍ଭରେ ଅଳ୍ପ ଖର୍ଚ୍ଚ କରିବା ପରେ, ଥରେ ଆପଣଙ୍କ ଛାତରେ ସୌର ପ୍ୟାନେଲ ଇନଷ୍ଟଲ୍ ହୋଇଗଲେ, ଅଧିକ ଖର୍ଚ୍ଚ କରିବାର ଆବଶ୍ୟକତା ନାହିଁ। ଏହାର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ବହୁତ କମ୍ ଖର୍ଚ୍ଚ ହାଇଥାଏ। ପ୍ରଧାନମନ୍ତ୍ରୀଙ୍କ କହିବାନୁଯାୟୀ, ଏହା କେବଳ ଗରିବ ଏବଂ ମଧ୍ୟବିତ୍ତଙ୍କ ବିଦ୍ୟୁତ୍ ବିଲ୍ ହ୍ରାସ କରିବ ନାହିଁ, ବରଂ ଶକ୍ତି କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବ। ପ୍ରଧାନମନ୍ତ୍ରୀ ସୂର୍ଯ୍ୟୋଦୟ ଯୋଜନା ଅଧୀନରେ ଘରେ ସୌର ପ୍ୟାନେଲ ସ୍ଥାପନ କରିବା ଲାଗି କେତେକ ଦଲିଲ ଦେବାକୁ ଆବଶ୍ୟକ ହୋଇପାରେ। ସେଗୁଡିକ ହେଉଛି, ଆଧାର କାର୍ଡ, ଆୟ ପ୍ରମାଣପତ୍ର, ଆବାସ ପ୍ରମାଣପତ୍ର, ରେସନ କାର୍ଡ , ବିଦ୍ୟୁତ୍ ବିଲ୍, ମୋବାଇଲ୍ ନମ୍ବର, ବ୍ୟାଙ୍କ ବିବରଣୀ ଏବଂ ପାସପୋର୍ଟ ସାଇଜ୍ ଫଟୋ ଆବଶ୍ୟକ।

## ଟାଇଡ୍‌ର ନୂଆ ସହଭାଗିତା ଘୋଷଣା

**ଭୁବନେଶ୍ୱର, ୨୩।୧(ସମିସ):** ଡିଟରଜେଣ୍ଟ ବ୍ରାଣ୍ଡ ଟାଇଡ୍ ଏହାର ନୂଆ ସହଭାଗିତା ଘୋଷଣା କରିଛି। ଗତ ଦଶନ୍ଧିରେ ଟାଇଡ ମ୍ୟାଜିକ ଲିକୁଇଡ ଓ ଟାଇଡ୍ ପଡ୍ସ ପରି ନୂଆ ୱାଶ କେୟାର ସମାଧାନର ଶୁଭାରମ୍ଭ ସହ ଅନେକ ପଦକ୍ଷେପ ଜରିଆରେ ଟାଇଡର ପ୍ରତିବଦ୍ଧତାକୁ ପ୍ରକାଶ କରିଛି। ଟାଇଡ ଆଇକନିକ ବ୍ରାଣ୍ଡ ଶାହାରୁଖ ଖାନ୍‌ଙ୍କୁ ଏହାର ସହଭାଗୀ ରୂପେ ପସନ୍ଦ କରିଛି। କିଙ୍ଗ ଖାନ୍‌ଙ୍କ ନିରନ୍ତର ସାଧନ ଓ ଅବସ୍ମରଣୀୟ ଉତ୍କର୍ଷତା ଟାଇଡ ଗ୍ରାହକଙ୍କ ମନରେ ଆସ୍ଥା ସୃଷ୍ଟିରେ ସହାୟକ ହେବ। ନୂଆ ଓ ଉନ୍ନତମାନର ଟାଇଡ୍ ଏକ ସ୍ମରଣୀୟ ଅଭିଯାନ ମାଧ୍ୟମରେ ସ୍ମରଣୀୟ ହୋଇପାରିବ। ଏହି ଉନ୍ମୋଚନରେ ଆଇକନିକ ଶାହାରୁଖ ଖାନ ବ୍ରାଣ୍ଡ ଆମ୍ବାସଡର ଭାବେ ଟାଇଡ ସହିତ ରହିବେ। ସେ କହିଛନ୍ତି ଯେ, ଟାଇଡ୍ ସହ ତାଙ୍କର ଏହି ସହଭାଗୀତା କେବଳ ବ୍ରାଣ୍ଡକୁ ସମର୍ଥନ କରିବା ନୁହେଁ ବରଂ ଏହାର ଶ୍ରେଷ୍ଠତା ବିଷୟରେ ଅନୁମୋଦନ କରିବା। ଟାଇଡ୍‌କୁ ଅସଲି/ ପ୍ରକୃତ ଏସଆରକେ ଭାବରେ ସେ ସୁପାରିଶ କରିଛନ୍ତି। ମୁକ୍ତା ମାହେଶ୍ୱରୀ ମୁଖ୍ୟ ମାର୍କେଟିଂ ଅଧିକାରୀ, ପି ଆଣ୍ଡ ଜି ଇଣ୍ଡିଆ ତଥା ଭାଇସ୍ ପ୍ରେସିଡେଣ୍ଟ ଫେବ୍ରିକ କେୟାର ପି ଆଣ୍ଡ ଜି ଇଣ୍ଡିଆ କହିଛନ୍ତି ଯେ ବିଶ୍ୱର ଡିଟରଜେଣ୍ଟ ବ୍ରାଣ୍ଡର ଘର ପି ଆଣ୍ଡ ଜି ଇଣ୍ଡିଆ ଓ ପ୍ରତିଟି ଘରେ ଏହା ପରିଚିତ। ଟାଇଡ୍‌ର ଲକ୍ଷ୍ୟ ଗ୍ରାହକଙ୍କ ମନରେ ଖୁସି ଆଣିବା। ଟାଇଡ୍ ବିଭିନ୍ନ ୱାଶିଂ ସମାଧାନ ପୂରଣ କରିଥାଏ। ଅତି କଠୋର ଦାଗକୁ ଛଡ଼ାଇବାରେ ଏହାକୁ ଡିଜାଇନ କରାଯାଇଛି। ଏଥିରେ ପ୍ରୟୋଗ କରାଯାଇଥିବା ସୂତ୍ର କେବଳ କଠିନ ଦାଗ ଅପସାରଣ ପାଇଁ ନୁହେଁ ବରଂ ପୋଷାକର ଉଜ୍ଜ୍ୱଳତା ଓ ସ୍ଥାୟିତ୍ୱ ବୃଦ୍ଧି କରିଥାଏ।

## ସିଡ୍‌ବି ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ କନକ୍ଲେଭ୍

**ଭୁବନେଶ୍ୱର, ୨୩।୧(ସମିସ):** ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ ଡେଭଲପମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିଡବି) ପକ୍ଷରୁ ଭୁବନେଶ୍ୱରଠାରେ ଏମଏସଏମଇ କନକ୍ଲେଭ୍ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୀତି ନିର୍ଦ୍ଧାରକ, ଆର୍ଥିକ ଅଧିକାରୀ ଏବଂ ଏମଏସଏମଇ ଅଂଶୀଦାରମାନେ ଉପସ୍ଥିତ ଥିଲେ। ଓଡ଼ିଶାରେ ଏକ ସୁଦୃଢ଼ ଏମଏସଏମଇ ଇକୋସିଷ୍ଟମ ନିର୍ମାଣ, ରାଜ୍ୟର ଏମଏସଏମଇ ଗୁଡ଼ିକୁ ଉନ୍ନତ କରିବା, ଉଦ୍ୟୋଗର ଉନ୍ନତି, ସବୁଜ ପଦକ୍ଷେପ, କ୍ଷୁଦ୍ର ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା, ଷ୍ଟାର୍ଟଅପ୍ ଇକୋସିଷ୍ଟମର ଅଭିବୃଦ୍ଧିରେ ସହାୟକ ହେବା ଏବଂ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ଦିଗରେ ‘ଭୁବନେଶ୍ୱର କନକ୍ଲେଭ’ ରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏମଏସଏମଇ




ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଯୋଗଦେଇ କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସିଡ୍‌ବି ଡିଏମଡି ସୁଦତ ମଣ୍ଡଳ ମୁଖ୍ୟ ବକ୍ତବ୍ୟରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ବୃଦ୍ଧି କରିବା ଓ ଭାରତୀୟ ଏମଏସଏମଇରେ ଉଦ୍ୟୋଗୀ ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ସିଡ୍‌ବିର ଭୂମିକା ଉପରେ ଆଲୋକପାତ କରିଥିଲେ। ଏଥିରେ ଷ୍ଟାର୍ଟଅପ୍ ଓଡ଼ିଶାର ଏକ୍ଜିକ୍ୟୁଟିଭ୍ ଚେୟାରମ୍ୟାନ୍ ଡ. ଓମକାର ରାୟ ରାଜ୍ୟର ଉଦ୍ୟୋଗ କ୍ଷେତ୍ର ଉପରେ ଉଦ୍‌ବୋଧନ ଦେଇ ଷ୍ଟାର୍ଟଅପ୍ ଗୁଡ଼ିକୁ ସେମାନଙ୍କ ଇନକ୍ୟୁବେଟରରେ ସରକାରୀ ଅନୁଦାନ ଭଳି ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କିପରି କାର୍ଯ୍ୟକ୍ରମ ରଖାଯାଇଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ।

## କୋଟାକ୍ ସିକ୍ୟୁରିଟିଜ୍ ପକ୍ଷରୁ ଟ୍ରେଡ୍ ଫ୍ରି ପ୍ରୋ ପ୍ଲାନ୍ ଆରମ୍ଭ

**ଭୁବନେଶ୍ୱର,୨୩।୧(ସିମସ):** କୋଟାକ୍ ସିକ୍ୟୁରିଟିଜ୍ ତା’ର କୋଟାକ୍ ନିଓ ଏବଂ କୋଟାକ୍ ଷ୍ଟକ୍ ଟ୍ରେଡର୍ ପ୍ଲାଟଫର୍ମରେ ନିବେଶକଙ୍କ ପାଇଁ ଟ୍ରେଡ୍ ଫ୍ରି ପ୍ରୋ ପ୍ଲାନ୍ ଆରମ୍ଭ କରିଛି। ଏହି ଫିଚର ପ୍ୟାକଡ ସବ୍‌ସ୍କ୍ରିପସନ ଆଧାରିତ ପ୍ଲାନ୍ ପେ ଲେଟର, ଯାହାକୁ ମାର୍ଜିନ ଟ୍ରେଡିଂ ଫେସିଲିଟି (ଏମଟିଏଫ୍) ମଧ୍ୟ କୁହାଯାଏ, ବାର୍ଷିକ ୯.୭୫%ରେ ପ୍ରଦାନ କରିଥାଏ। ଉପଭୋକ୍ତାମାନେ ୧୦୦୦+ ଷ୍ଟକ୍‌କୁ ଟ୍ରେଡ କରିପାରିବେ ଏବଂ ସେମାନଙ୍କର କ୍ରୟ ଶକ୍ତିକୁ ୪ ଗୁଣ ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ। ପେ ଲେଟର ଫିଚରର ଅନ୍ୟାନ୍ୟ ବିଶେଷତ୍ୱ ହେଉଛି ଅସୀମିତ ହୋଲ୍ଡିଂ ପିରିୟଡ୍, ପଦବୀ ସୃଷ୍ଟି କରିବା ଏବଂ ଏମଟିଏଫ ଗବେଷଣା ସୁପାରିଶ ପାଇବା ପାଇଁ ନଗଦ ବଦଳରେ ନିଜର ସେୟାର ଏବଂ ଇଟିଏଫକୁ ବନ୍ଧକ ଭାବରେ ବ୍ୟବହାର କରିବାର କ୍ଷମତା। କୋଟାକ୍ ସିକ୍ୟୁରିଟିଜ୍ ଏମଡି ଓ ସିଇଓ ଜୟଦୀପ ହଂସରାଜ କହିଛନ୍ତି ଯେ, ଗ୍ରାହକଙ୍କ ଆବଶ୍ୟକତା ଶୁଣିବା ଆମର ଯାତ୍ରାକୁ ରୂପ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପେ ଲେଟର ସୁବିଧା ପାଇଁ ବଢୁଥିବା ଚାହିଦାକୁ ବୁଝିବା ଆମକୁ ଟ୍ରେଡ୍ ଫ୍ରି ପ୍ରୋ ଯୋଜନା ଆରମ୍ଭ କରିବାକୁ ପ୍ରେରିତ କରିଥିଲା। ବାର୍ଷିକ ୯.୭୫% କମ୍ ସୁଧ ହାରରେ ଏହି ଯୋଜନା ଆରମ୍ଭ। କୋଟାକ୍ ସିକ୍ୟୁରିଟିଜ୍ ଏହାର ଗ୍ରାହକଙ୍କ ଅନନ୍ୟ ଟ୍ରେଡିଂ ଆବଶ୍ୟକତା ପୂରଣ କରିବା ପାଇଁ ଅନନ୍ୟ ଯୋଜନା ପ୍ରଦାନ କରିବା ପାଇଁ କ୍ରମାଗତ ଭାବରେ ଅଭିନବ ଉଦ୍ଭାବନ କରୁଛି।

## ପ୍ରାଣ ପ୍ରତିଷ୍ଠା ଦିନ ଦେଶରେ ୧.୨୫ ଲକ୍ଷ କୋଟିର ବ୍ୟବସାୟ

**ନୂଆଦିଲ୍ଲୀ,୨୩।୧(ଏଜେନ୍ସି):** ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ସହ ଦେଶର ଅର୍ଥ ବ୍ୟବସ୍ଥା ସହ ଯୋଡ଼ିହୋଇଛି ଆଉ ଏକ ନୂଆ ଅଧ୍ୟାୟ। ରାମ ମନ୍ଦିର ଯୋଗୁଁ ଅଯୋଧ୍ୟାରେ ହୋଇଛି ପର୍ଯ୍ୟଟନର ବିସ୍ତାର। ତେଣୁ ଆଗାମୀ ସମୟରେ ପର୍ଯ୍ୟଟନ ସହ ଜଡ଼ିତ ଅର୍ଥବ୍ୟବସ୍ଥା ଦ୍ରୁତ ଭାବରେ ବିସ୍ତାର ହେବା ନେଇ ବଡ଼ ସମ୍ଭାବନା ମଧ୍ୟ ରହିଛି। ଦେଶର ବ୍ୟବସାୟୀ ସଂଘ କନଫେଡେରସନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ଅନୁଯାୟୀ, ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଦିନ ଦେଶରେ ପ୍ରାୟ ୧.୨୫ କୋଟି ଟଙ୍କାର ବଡ଼ କାରବାର ହୋଇଛି। ଏଥିରେ କେବଳ ଦିଲ୍ଲୀରେ ପ୍ରାୟ ୨୫ ହଜାର କୋଟି ତଥା ଉତ୍ତର ପ୍ରଦେଶରେ ପ୍ରାୟ ୪୦ ହଜାର କୋଟି ଟଙ୍କାର ସାମଗ୍ରୀ ଏବଂ ସେବା ଦ୍ୱାରା ବ୍ୟବସାୟ ହୋଇଛି।

ସିଏଆଇଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭି ସି ଭରତିଆଙ୍କ ଏବଂ ପ୍ରବୀଣ ଖଣ୍ଡେଲଓ୍ୱାଲ କହିଛନ୍ତି, ଦେଶରେ କୋଟି କୋଟି ସଂଖ୍ୟାରେ ଶ୍ରୀ ରାମ ମନ୍ଦିର ପ୍ରତିମା, ମାଳା, ବିନ୍ଦି, କଡ଼ା, ରାମ ଧ୍ୱଜା, ରାମ ଟୋପୀ, ଭଗବାନ ରାମଙ୍କ ପେଣ୍ଟିଂ, ରାମ ଦରବାର ଚିତ୍ର, ଭଗବାନ ରାମଙ୍କ ଚିତ୍ର ଆଦିର ଜବରଦସ୍ତ ବିକ୍ରି ହୋଇଛି। ଦେଶ ସାରା ପଣ୍ଡିତ ଏବଂ ବ୍ରାହ୍ମଣଙ୍କର ବଡ଼ ଆକାରରେ ଆୟ ହୋଇଛି। କୋଟି କୋଟି କେଜିର ମିଠା ଏବଂ ଡ୍ରାଇଫ୍ରୁଟ୍ସ ମଧ୍ୟ ପ୍ରସାଦ ଭାବରେ ବିକ୍ରି ହୋଇଛି। ଦେଶରେ କୋଟି କୋଟି ଟଙ୍କାର ଦୀପ, ପିତଳ ଏବଂ



ଅନ୍ୟ ବସ୍ତୁରେ ତିଆରି ଦୀପ ବିକ୍ରି ହୋଇଛି। ଆଗାମୀ ସମୟରେ ଲୋକେ ଶ୍ରୀରାମ ମନ୍ଦିର ଉପହାର ଭାବରେ ଦେବେ ଏହାର ମଧ୍ୟ ବଡ଼ ସମ୍ଭାବନା ରହିଛି। ବିବାହ ଉତ୍ସବରେ ଶ୍ରୀରାମ ମନ୍ଦିର ଉପହାର ଭାବରେ ଦେବାର ଆରମ୍ଭ ହୋଇଛି। ତେଣୁ ଆଗାମୀ ସମୟରେ ଆହୁରି ଏହା ଅର୍ଥବ୍ୟବସ୍ଥାରେ ବଡ଼ ପ୍ରଭାବ ପକାଇବ। ସେ ଆହୁରି କହିଛନ୍ତି, ଦେଶରେ ଏହା ପ୍ରଥମ ଥର ଯେତେବେଳେ ଆସ୍ଥା ଏବଂ ଭକ୍ତି କାରଣରୁ ଏତେ ବଡ଼ ଆକାରରେ ବ୍ୟବସାୟ ହୋଇଛି। ବଡ଼ କଥା ହେଉଛି ଏଥିରେ କ୍ଷୁଦ୍ର ବ୍ୟବସାୟୀ ଏବଂ ଲଘୁ ଉଦ୍ୟୋଗୀ ମଧ୍ୟ ଉପକୃତ ହୋଇଛନ୍ତି। ସଂଘ ଅନୁଯାୟୀ ଶ୍ରୀ ରାମ ମନ୍ଦିର କାରଣରୁ ଦେଶରେ ନୂଆ ବ୍ୟବସାୟୀ ଅନେକ ଅବସର ମିଳିଛି। ଆଗକୁ ମଧ୍ୟ ବଡ଼ ଆକାରରେ ଲୋକଙ୍କୁ ରୋଜଗାର ମଧ୍ୟ ମିଳିବ।

# ଆହୁରି ବଢ଼ିବ ସୁନା, ରୁପା ଦର

**ନୂଆଦିଲ୍ଲୀ,୨୩।୧(ଏଜେନ୍ସି)**

ଆଗାମୀ ଦିନରେ ସୁନା ଓ ରୂପା କିଣିବା ମହଙ୍ଗା ହୋଇପାରେ। ଏହାର କାରଣ ହେଉଛି ସୁନା ଏବଂ ରୂପାର ଆମଦାନୀ ଶୁଳ୍କରେ କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି। ଏହି ଅନୁଯାୟୀ, ଉଭୟ ଧାତୁର ଆମଦାନୀ ଶୁଳ୍କକୁ ସରକାର ୧୧ ପ୍ରତିଶତରୁ ୧୫ ପ୍ରତିଶତକୁ ବୃଦ୍ଧି କରିଛନ୍ତି। ଜାନୁଆରୀ ୨୨ରୁ ନୂତନ ମୂଲ୍ୟ ହାର ଲାଗୁ ହେବ। ବଜାର ବିଶେଷଜ୍ଞଙ୍କ ଅନୁଯାୟୀ ଆମଦାନୀ ଶୁଳ୍କରେ ବୃଦ୍ଧି ହେତୁ ଆଗାମୀ ଦିନରେ ବଜାରରେ ସୁନା ମୂଲ୍ୟ ବଢ଼ିପାରେ।

ଆଜି ଘରୋଇ ବଜାରରେ ସୁନା ମୂଲ୍ୟରେ ସାମାନ୍ୟ ବୃଦ୍ଧି ଘଟିଥିବାବେଳେ ରୁପା ମୂଲ୍ୟରେ ହ୍ରାସ ଘଟିଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ ମଙ୍ଗଳବାର ବଜାରରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ



**ଆମଦାନୀ ଶୁଳ୍କ ବଢ଼ାଇଲା କେନ୍ଦ୍ର**

**୧୦%ରୁ ବଢ଼ି ୧୫% ହେଲା**

୧୦ ଗ୍ରାମ ପିଛା ୮୬ ଟଙ୍କା ବୃଦ୍ଧି ହୋଇ ୬୨,୪୭୬ ଟଙ୍କା ପହଞ୍ଚିଛି। ସେହିପରି ରୁପା ମୂଲ୍ୟରେ ୭୨୮ ଟଙ୍କା ବୃଦ୍ଧି ହୋଇ କିଲୋଗ୍ରାମ ପିଛା ଏହା ୭୦,୫୦୦ ଟଙ୍କା ରହିଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ମଙ୍ଗଳବାର ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୫୭,୭୦୦ ଟଙ୍କା ରହିଥିବାବେଳେ ରୁପା ମୂଲ୍ୟ କିଲୋଗ୍ରାମ ପିଛା ୭୪,୦୦୦ ଟଙ୍କାରେ ବିକ୍ରି ହେଉଛି।

ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୩ରେ ଭାରତ ମୋଟ ୭୩୪ ଟନ୍ ସୁନା ଆମଦାନୀ କରିଥିଲା। ଗତ ବର୍ଷ ଦେଶର ସୁନା ଆମଦାନୀରେ ୩ ପ୍ରତିଶତ ବୃଦ୍ଧି ଘଟି ୭୩୪.୨ ଟନ୍‌ରେ ପହଞ୍ଚିଥିଲା। ଏଥିସହିତ ମୂଲ୍ୟ ଦୃଷ୍ଟିରୁ ଦେଶକୁ ସୁନା ଆମଦାନୀରେ ୧୬.୪ ପ୍ରତିଶତ ବୃଦ୍ଧି ହୋଇ ୩.୫୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଆମ ଦେଶରେ ପ୍ରତିବର୍ଷ ୭୦୦ରୁ ୮୦୦ ଟନ୍ ସୁନା ବ୍ୟବହାର ହୋଇଥାଏ। ଏଥିମଧ୍ୟରୁ କେବଳ ୧ ଟନ୍ ସୁନା ଭାରତରେ ଉତ୍ପାଦିତ ହୋଇଥାଏ। ଅବଶିଷ୍ଟାଂଶ ସୁନା ଆମଦାନୀ କରାଯାଇଥାଏ। ୨୦୨୩ ଅକ୍ଟୋବର ପର୍ଯ୍ୟନ୍ତ ଚୀନ୍ ୧୨୪୧ ଟନ୍ ସୁନା ଆମଦାନୀ କରିବ ବିଶ୍ୱରେ ଏକ ନମ୍ବରର ସ୍ଥାନରେ ରହିଛି।



## କମିସନରେଟ୍ ପୁଲିସରେ ଅଦଳବଦଳ

# ବଦଳିଲେ ୮ ଅତିରିକ୍ତ ଡିସିପି, ୧୨ ଏସିପି

**ଭୁବନେଶ୍ୱର, ୨୩।୧(ସମିସ):**

କମିଶନରେଟ୍ ପୁଲିସରେ ମଙ୍ଗଳବାର ଏକ ବଡ଼ ଧରଣର ଅଦଳବଦଳ ହୋଇଛି। ଅତିରିକ୍ତ ଡିସିପି, ଏସିପି ଏବଂ ଏସ୍‌ଆଇ ସ୍ତରରେ ଏହି ଅଦଳବଦଳ କରାଯାଇଛି। କଟକରେ ଥିବା ପୁଲିସ ଅଧିକାରୀଙ୍କୁ ଭୁବନେଶ୍ୱର ଅଣାଯାଇଥିବା ବେଳେ ଭୁବନେଶ୍ୱରରେ ଥିବା ପୁଲିସ ଅଧିକାରୀଙ୍କୁ କଟକ ପଠାଯାଇଛି। ୮ ଜଣ ଅତିରିକ୍ତ ଡିସିପି, ୧୨ ଜଣ ଏସିପି ଏବଂ ୧୦ ଜଣ ଏସ୍‌ଆଇ ସ୍ତରରେ ଅଦଳବଦଳ କରାଯାଇଛି। ସିପି ମୁଖ୍ୟାଳୟରେ ଥିବା ଅତିରିକ୍ତ ଡିସିପି ସ୍ମୃତି ରଞ୍ଜନ କରଙ୍କୁ ଆଇବି'ର ଅତିରିକ୍ତ ଡିସିପି ଭାବେ ବଦଳି କରାଯାଇଛି। ସେହିପରି କ୍ରାଇମ୍ ୟୁନିଟ୍‌ର ଅତିରିକ୍ତ ଡିସିପି ଥିବା ଅନିଲ କୁମାର ବେଉରାଙ୍କୁ ସିପି ମୁଖ୍ୟାଳୟରେ ଥିବା ଜୁଡିସିଆଲ'ର ଅତିରିକ୍ତ ଡିସିପି ଭାବେ ଅବସ୍ଥାପିତ କରାଯାଇଛି। ଅତିରିକ୍ତ ଡିସିପି(ଆଟାଚ) ପ୍ରଶାନ୍ତ କୁମାର ମଲ୍ଲଙ୍କୁ ଆଇୟୁସିଏଡବ୍ଲ୍ୟୁ'ର ଅତିରିକ୍ତି ଡିସିପି ଭାବେ ନିଯୁକ୍ତି ଦିଆଯାଇଛି। କଟକ ୟୁପିଡି ଆଇୟୁସିଏଡବ୍ଲ୍ୟୁ'ର ଅତିରିକ୍ତ ଡିସିପି ଥିବା କୃଷ୍ଣପ୍ରସାଦ ଦାସଙ୍କୁ ଭୁବନେଶ୍ୱର ୟୁପିଡିର ମୁଖ୍ୟାଳୟକୁ ବଦଳି କରାଯାଇଛି। କଟକ ୟୁପିଡି ଡିସିପି କୋର୍ଟ(ଇଏମ୍)ରେ ଥିବା ଅତିରିକ୍ତ ଡିସିପି ସରଫୁଦ୍ଦିନଙ୍କୁ ଭୁବନେଶ୍ୱର ଡିସିପି କୋର୍ଟକୁ ବଦଳି କରାଯାଇଛି। ଡିସିପି କୋର୍ଟରେ ଥିବା ଏସ୍.କେ ମହାପାତ୍ର ଗତ କିଛିଦିନ ହେବ ଅବସର ନେଇଛନ୍ତି। ସେହିପରି ସିପି ମୁଖ୍ୟାଳୟ କ୍ରାଇମ୍‌ରେ ଥିବା ଅତିରିକ୍ତ ଡିସିପି ସୁରେଶ ଚନ୍ଦ୍ର ପାତ୍ରଙ୍କୁ ଭୁବନେଶ୍ୱର ୟୁପିଡି କ୍ରାଇମ୍‌ର ଅତିରିକ୍ତ ଡିସିପି ଭାବେ ଅବସ୍ଥାପିତ କରାଯାଇଛି। ଡିସିପି ମୁଖ୍ୟଳୟରେ ଥିବା ଅତିରିକ୍ତ ଡିସିପି ପ୍ରକାଶ ପାଲଙ୍କୁ କଟକ ୟୁପିଡିର ଆଇୟୁସିଏଡବ୍ଲ୍ୟୁ'ର ଅତିରିକ୍ତ ଡିସିପି ଭାବେ ବଦଳି କରାଯାଇଛି। ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁରେ ଥିବା ଅତିରିକ୍ତ ଡିସିପି ତରୁଣ କୁମାର ଦାଶଙ୍କୁ କଟକ ଡିସିପି କୋର୍ଟକୁ ବଦଳି କରାଯାଇଛି। ସେହିପରି କଟକ ୟୁପିଡିରେ ଆଇୟୁସିଏଡବ୍ଲ୍ୟୁ'ରେ ଏସିପି ଥିବା ସତ୍ୟ ରଞ୍ଜନ ମଲ୍ଲିକ୍‌ଙ୍କୁ ସିପି ମୁଖ୍ୟାଳୟ ଲାଇସେନ୍ସ ସେଲ୍‌କୁ ବଦଳି କରାଯାଇଛି। ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁରେ ଥିବା ଏସିପି ମାନସ ରଞ୍ଜନ ଗଡ଼ନାୟକଙ୍କୁ ସିପି ମୁଖ୍ୟାଳୟରେ ଥିବା ଜୁଡିସିଆଲକୁ ବଦଳି କରାଯାଇଛି। କଟକ ଏସିପି କ୍ରାଇମ୍‌ରେ ଥିବା ପ୍ରନିତା ପଟ୍ଟନାୟକଙ୍କୁ ଭୁବନେଶ୍ୱର ଏସିପି କ୍ରାଇମ୍‌କୁ ବଦଳି କରାଯାଇଛି। କଟକ ଏସିପି ଜୋନ୍-୨ରେ ଥିବା ଅମିତାଭ ମହାପାତ୍ରଙ୍କୁ ଭୁବନେଶ୍ୱର ସିପି ମୁଖ୍ୟାଳୟକୁ ବଦଳି କରାଯାଇଛି। ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁ'ରେ ଏସିପି ଥିବା କୃଷ୍ଣଚନ୍ଦ୍ର ପଲେଇଙ୍କୁ ଭୁବନେଶ୍ୱର ଜୋନ୍-୨କୁ ବଦଳି କରାଯାଇଛି। ଜୋନ୍-୨ରେ ଏସିପି ଥିବା ଗିରିଜା ଶଙ୍କର ଚକ୍ରବର୍ତ୍ତିଙ୍କୁ କଟକ ଜୋନ୍-୨ ଏସିପି ଭାବେ ବଦଳି କରାଯାଇଛି। ଭୁବନେଶ୍ୱର ଜୋନ୍-୩ ଏସିପି ଥିବା ପ୍ରଦୀପ କୁମାର ରାଉତଙ୍କୁ କଟକ ଜୋନ୍-୩କୁ ବଦଳି କରାଯାଇଛି। ଏୟାରପୋର୍ଟ ଥାନା ଦାୟିତ୍ୱରେ ଥିବା ଏସିପି ଉମାକାନ୍ତ ପ୍ରଧାନଙ୍କୁ କଟକ ଜୋନ୍-୪କୁ ବଦଳି କରାଯାଇଛି। କଟକ ଜୋନ୍-୪ରେ ଥିବା ଚନ୍ଦନ କୁମାର ଘଡ଼େଇଙ୍କୁ କଟକ ଡିସିପି ଅଫିସ୍‌କୁ ବଦଳି କରାଯାଇଛି। ଭୁବନେଶ୍ୱର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଏସିପି ବିଶ୍ୱ ରଞ୍ଜନ ସେନାପତିଙ୍କୁ କଟକ ଏସିପି କ୍ରାଇମ୍‌କୁ ବଦଳି କରାଯାଇଛି। ସେହିପରି ସ୍ପେଶାଲ ସ୍କ୍ୱାଡ୍‌ରେ ଥିବା ଏସିପି ହିମାଂଶୁ ଭୂଷଣ ସ୍ୱାଇଁଙ୍କୁ ଏସିପି ଟ୍ରେନିଂ ୟୁପି ଏବଂ ଟିଟିଆଇକୁ ବଦଳି କରାଯାଇଛି। ସେହିପରି ଖାରବେଳ ନଗର ଥାନାର ଏସ୍‌ଆଇ ସୁବ୍ରଜିତ୍ ମଙ୍ଗୁଲଙ୍କୁ ଲାଳବାଗ ଥାନାକୁ ବଦଳି କରାଯାଇଥିବା ବେଳେ ଚନ୍ଦ୍ରଶେଖରପୁର ଥାନାରେ ଥିବା ସିଦ୍ଧାର୍ଥ ରଞ୍ଜନ ଜାଲିଙ୍କୁ କଟକ ଚୌଦ୍ୱାର ଥାନାକୁ ବଦଳି କରାଯାଇଛି। ସେହିପରି ଭୁବନେଶ୍ୱର ସାଇବର୍ ଥାନାରେ ଥିବା ଡବ୍ଲ୍ୟୁଏସ୍‌ଆଇ ମନ୍ଦାକିନୀ ବିଶୋଇଙ୍କୁ ମର୍କତନଗର ଥାନାକୁ ବଦଳି କରାଯାଇଛି। କଟକ ଟିପିଏମ୍ ଓପିରେ ଥିବା ମାନସ ରଞ୍ଜନ ମହାରଣାଙ୍କୁ ଚନ୍ଦ୍ରଶେଖରପୁର ଥାନା, ପୁରୀଘାଟରେ ଥିବା ବିଭୂତି ଭୂଷଣ ଦାଶଙ୍କୁ ଖାରବେଳନଗର ଥାନା, ଜଗତପୁରରେ ଥିବା ନରେନ୍ଦ୍ର ପରିଡ଼ାଙ୍କୁ କଟକ ସିଏସ୍‌ଆଇ କୋର୍ଟକୁ ବଦଳି କରାଯାଇଛି। ଚାଉଳିଆଗଞ୍ଜ ଥାନାରେ ଥିବା ନୟନା ବେହେରାଙ୍କୁ ଭୁବନେଶ୍ୱର ମହିଳା ଥାନା, କାଶୀନାଥ ବେହେରାଙ୍କୁ କ୍ୟାପିଟାଲ, କଟକ ସୁଭଜିତ୍ ମଙ୍ଗରାଜଙ୍କୁ ଭୁବନେଶ୍ୱର ଏବଂ ଭୁବନେଶ୍ୱର ଟିଟିଆଇରେ ଥିବା ପ୍ରଭଞ୍ଜନ ଲୋହରଙ୍କୁ କଟକକୁ ବଦଳି କରାଯାଇଛି।

### ୧୦ ଏସ୍‌ଆଇଙ୍କ ବଦଳି, ଖୁବ୍‌ଶୀଘ୍ର ବଦଳିବେ ପୁରୁଣା ପୁଲିସ ଅଧିକାରୀ

## ■ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ପାଇଁ ସହାୟତା ଶିବିର

# ୯୦ ଶ୍ରମିକଙ୍କୁ ୬୬ .୪୫ ଲକ୍ଷ ଟଙ୍କା



**ଭୁବନେଶ୍ୱର, ୨୩।୧(ସମିସ):** ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ତରଫରୁ ବିଏମ୍‌ସି ଅଧୀନରେ ପଞ୍ଜିକୃତ ନିର୍ମାଣ ଶ୍ରମିକମାନଙ୍କୁ ନେଇ ମଙ୍ଗଳବାର ଏକ ସହାୟତା ଶିବିର ପ୍ରେସ୍ ଛକସ୍ଥିତ ମା' ଦକ୍ଷିଣ କାଳୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଓ ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗ ଦେଇଥିଲେ। ଶିବିରରେ ୨୭ ଜଣଙ୍କୁ ୪ଲକ୍ଷ ଟଙ୍କା ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯାଇଥିବା ବେଳେ ୨୭ ଜଣଙ୍କୁ ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ୧ଲକ୍ଷ ୩୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିଭଳି ୨୦ ଜଣଙ୍କୁ ବିବାହକାଳୀନ ସହାୟତା ୧୦ଲକ୍ଷ ଟଙ୍କା ସହାୟତା ଓ ୧୧ ଜଣଙ୍କୁ ଶିକ୍ଷା ସହାୟତା ୬୦ହଜାର ୮ଶହ ଟଙ୍କା, ୫ ଜଣଙ୍କୁ ପ୍ରସବକାଳୀନ ସହାୟତା ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସର୍ବମୋଟ ୯୦ ଜଣଙ୍କୁ ୬୬ ଲକ୍ଷ ୪୫ ହଜାର ୮ଶହ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ନୂଆକରି ପଞ୍ଜୀକରଣ କରିଥିବା ୨୬୦ଜଣଙ୍କୁ ଶ୍ରମ କାର୍ଡ ବଣ୍ଟନ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ ପାତ୍ର, ବିଭାଗୀୟ ଶ୍ରମ ଆୟୁକ୍ତ ଅଜୟ ପ୍ରଧାନ ଏବଂ ସହକାରୀ ଶ୍ରମ ଅଧିକାରୀ ରଶ୍ମିତା ପାତ୍ର, କାଳିପୁତ୍ର କୁଳଦୀପ ପ୍ରସାଦ, ବିକାଶ ଅଗ୍ରୱାଲ, ପ୍ରଜ୍ଞା ପାରମିତା ବେହେରା, ଅର୍ଚ୍ଚନା ନାୟକ, କଲ୍ୟାଣ ସଂଯୋଜକ ଲମ୍ବୋଦର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଭାରପ୍ରାପ୍ତ ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ ସଂଯୋଜନା କରିଥିବା ବେଳେ ଦେବେଶ୍ରୀ ବେହେରା ଧନ୍ୟବାଦ ଦେଇଥିଲେ।

### ● ୨୬୦ ନିର୍ମାଣ ଶ୍ରମିକଙ୍କୁ ନୂଆକାର୍ଡ

## ପୁଲିସ ପଞ୍ଝାରେ ରାହାଜାନି ଗ୍ୟାଙ୍ଗ୍

# ଦୁର୍ଦ୍ଦାନ୍ତ ରାମୁଲୁ-ରାଙ୍ଗା ଗିରଫ



**ଭୁବନେଶ୍ୱର, ୨୩।୧(ସମିସ):**

ଭଡ଼ାରେ ବାଇକ୍ ଆଣି ଅପରାଧ ଘଟାଉଥିଲେ। ଚଳନ୍ତା ବାଇକରୁ ଦ୍ରୁତଗତିରେ ଲୁଟ୍ କରିବାରେ ଥିଲେ ମାହିର୍। ଲୁଟ୍ ସୁନାକୁ ବନ୍ଧକ ରଖି ଟଙ୍କା ଆଣୁଥିଲେ। ସହରରେ ରାହାଜାନି କରି ଆତଙ୍କ ସୃଷ୍ଟି କରୁଥିବା ଏକ ଗ୍ୟାଙ୍ଗ୍‌କୁ କାବୁକରିଛି କମିସନରେଟ୍ ପୁଲିସ। ଜଣେ ନାବାଳକକୁ ମିଶାଇ ୩ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ବଡ଼ଗଡ଼ ଥାନା ଗୌତମନଗର ପି.ରାମୁଲୁ ରାଓ ଓ ନୟାଗଡ଼ ସୁରେଶ ନାୟକ ଓରଫ ରାଙ୍ଗା। ସେମାନଙ୍କ ଠାରୁ ୫ଟି ସୁନାଚେନ୍, ବାଇକ ଓ ମୋବାଇଲ ଫୋନ୍ ଜବତ କରାଯାଇଛି। ପୁଲିସ କହିବାନୁଯାୟୀ ସେମାନେ ଛାତ୍ର ବେଶରେ ବିଭିନ୍ନ କଲେଜ ଆଗରେ ବୁଲୁଥାନ୍ତି। ଏକୁଟିଆ ଯାଉଥିବା ଲୋକଙ୍କ ବେକରୁ ସୁନାଚେନ ଝାମ୍ପି ନେଇ ଚମ୍ପଟ୍ ମାରୁଥିଲେ। ଗୋଟିଏ ସ୍ଥାନରେ ଅପରାଧ ଘଟାଇବା ପରେ ରାମୁଲୁ-ରାଙ୍ଗା ଯୋଡ଼ି ଅନ୍ୟ ଏକ ଅଞ୍ଚଳରେ ଆତ୍ମଗୋପନ କରନ୍ତି। ତେବେ ରମୁଲୁ ନାମରେ ୧୧ଟି ଓ ରାଙ୍ଗା ନାଁରେ ୩ଟି ଅପରାଧିକ ମାମଲା ରହିଛି। ସେମାନେ ଭୁବନେଶ୍ୱରରେ ଗ୍ୟାଙ୍ଗ୍ ଗଢ଼ି ଏଥିରେ ଯୁବକ ଓ ନାବାଳକଙ୍କୁ ଲୁଟ୍ କରିବାର ତାଲିମ୍ ଦେଉଥିବାର ପ୍ରମାଣ ମିଳିଛି। ତେଣୁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ଜୋନ୍ ଏସିପି ପ୍ରଦୀପ ରାଉତ ସୂଚନା ଦେଇଛନ୍ତି।

### ● ଭଡ଼ାରେ ବାଇକ ଆଣି ଲୁଟୁଥିଲେ
### ● ୫ ସୁନାଚେନ୍, ବାଇକ ଓ ମୋବାଇଲ ଜବତ

### ବାଇକ ଭଡ଼ା ୧୬ଶହ; ୪ ଘଣ୍ଟାରେ ସିରିଜ୍ ଲୁଟ୍

ରାମୁଲୁ ଓ ରାଙ୍ଗା ଅପରାଧ ଘଟାଇବାକୁ ସୁଚିନ୍ତିତ ଷଡ଼ଯନ୍ତ୍ର ରଚିଥିଲେ। ସେଲ୍‌ଫଡ୍ରାଇଭ୍ ବା ଭଡ଼ାସୂତ୍ରରେ ବାଇକ୍ ନେଉଥିଲେ। ଜଗମୋହନ ନଗରରୁ ୧୬୦୦ ଟଙ୍କା ଓ ଅନ୍ୟାନ୍ୟ କାଗଜପତ୍ର ଦାଖଲକରି ୨ ଦିନ ଲାଗି ଏକ ସଂସ୍ଥାରୁ ବାଇକ୍ ଭଡ଼ାରେ ଆଣି ଆଉ ବାଇକ ଫେରସ୍ତ କରି ନ ଥିଲେ। ସେଲ୍‌ଫ ଡ୍ରାଇଭ୍ ସଂସ୍ଥା ପକ୍ଷରୁ ଯୋଗାଯୋଗ କଲେ ମିଛ କରିବା ସହ ଫୋନ୍ ପେ'ରେ ବଳକା ଟଙ୍କା ଦେଇଦେବ ବୋଲି କହୁଥିଲେ। ବାଇକକୁ ଭଡ଼ାରେ ନେବା ପରେ ନାବାଳକକୁ ଗ୍ୟାଙ୍ଗ୍‌ରେ ମିଶାଇ ୩ଜଣ ସହରରେ ଯାତ୍ରା ଆରମ୍ଭ କରି ଦେଇଥିଲେ। ଯେଉଁଠି ଦେଖିବେ, ସେଇଠୁ ଲୁଟିବେ ବୋଲି ଯୋଜନା କରିଥିଲେ। ଗତ ଡିସେମ୍ବର ୨୦ତାରିଖରେ ଖଣ୍ଡଗିରି ବାରି ଅଞ୍ଚଳର ଲକ୍ଷ୍ମୀଧର ନାୟକ ଓ ତାଙ୍କ ପତ୍ନୀ ଭୁବନେଶ୍ୱରକୁ ଯାଉଥିଲେ। ବରମୁଣ୍ଡା ଓଭରବ୍ରିଜ ଉପରୁ ଦମ୍ପତିଙ୍କ ଠାରୁ ସୁନାଚେନ୍ ଲୁଟି ନେଇଥିଲେ। ପରେ ଖାରବେଳନଗର ଥାନା ରାମ ମନ୍ଦିର ନିକଟରୁ ଜଣେ ମହିଳା ଓ ପୁରୁଷ ଠାରୁ ୨ଟି ସୁନାଚେନ୍ ଓ ବଡ଼ଗଡ଼ ଥାନା ବିଜେବିନଗରରୁ ମହିଳାଙ୍କ ହାତରୁ ଗୋଟିଏ ଭ୍ୟାନିଟ୍ ବ୍ୟାଗ୍ ଲୁଟି ନେଇଥିଲେ। ଭଡ଼ାରେ ଆଣିବାକୁ ବାଇକରେ ଦିନ ୨ଟାରୁ ସନ୍ଧ୍ୟା ୬ଟା ଭିତରେ ୩ଜଣ ଲୁଟେରା ସିରିଜ୍ ଲୁଟ୍‌ପାଟ୍ କରି ଆତଙ୍କ ଖେଳାଇଥିଲେ। ତେବେ ଭଡ଼ାରେ ଆଣିଥିବା ବାଇକକୁ ନ ଫେରସ୍ତ କରି ପୁଣି ଲୁଟିବାକୁ ଯୋଜନା କରିଥିଲେ। ଅନୁରୂପ ଭାବେ ୫ଦିନ ପରେ ବରମୁଣ୍ଡା ନିକଟରୁ ସେମାନେ ଜଣେ ମହିଳାଙ୍କ ଠାରୁ ସୁନାଚେନ୍ ବି ଲୁଟି ନେଇଥିଲେ। ସପ୍ତାହରେ ସହରରେ ହଇଚଇ ସୃଷ୍ଟି କରୁଥିବା ଗ୍ୟାଙ୍ଗ୍‌କୁ ଧରିବା ଲାଗି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ସହରରେ ଲାଗିଥିବା ସିସିଟିଭିରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା। ଅପରାଧରେ ସେମାନେ ବ୍ୟବହାର କରୁଥିବା ବାଇକର ନମ୍ବର ଆଧାରରେ ମାଲିକକୁ ଉଠାଇ ଆଣିଥିଲା ପୁଲିସ। କିନ୍ତୁ ଅପରାଧରେ ବ୍ୟବହାର ହୋଇଥିବା ବାଇକରୁ ସେ ସେଲ୍‌ଫଡ୍ରାଇଭ୍‌ରେ ଭଡ଼ାସୂତ୍ରରେ ଲଗାଇଥିବା କଥା ପ୍ରକାଶ କରିଥିଲେ। ପରେ ବଡ଼ଗଡ଼ ଥାନା ଅଞ୍ଚଳରୁ ଭ୍ୟାନିଟ୍‌ରେ ଥିବା ମୋବାଇଲ ଫୋନ୍‌କୁ ଟ୍ରାକିଂ କରିବାରୁ ଅଭିଯୁକ୍ତଙ୍କୁ କାବୁ କରିଥିଲା ଖଣ୍ଡଗିରି ଥାନା ପୁଲିସ।

# ଦୁଇ ବସ୍ ଦୁର୍ଘଟଣା; ୭ ଆହତ

**ଭୁବନେଶ୍ୱର, ୨୩।୧(ସମିସ):** ଓଏସ୍‌ଆରଟିସି ବସ୍‌କୁ ପଛରୁ ଧକ୍କା ଦେଲା ଘରୋଇ ବସ୍। ଦୁର୍ଘଟଣାରେ ଦୁଇଟି ବସ୍‌ର ଡ୍ରାଇଭର ସମେତ ୭ଜଣ ଯାତ୍ରୀ ଆହତ ହୋଇଛନ୍ତି। ଘଟଣା ଘଟିଛି ରାଜଧାନୀ ଭୁବନେଶ୍ୱରର ବାଣୀବିହାର ଓଭରବ୍ରିଜ ଉପରେ ଘଟିଛି। ଆହତମାନଙ୍କୁ ପିସିଆର ଭ୍ୟାନ୍ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଖବର ପାଇ ପୁଲିସ ଦୁଇଟି ବସ୍‌କୁ ଜବତ କରି ଥାନାକୁ ନେଇ ତଦନ୍ତ କରୁଛି। ମଙ୍ଗଳବାର ଭୋର ସମୟରେ ଓଏସ୍‌ଆରଟିସି ବସ୍ ଯାତ୍ରୀଙ୍କୁ ଉଠାଇବା ପାଇଁ ରାସ୍ତାକଡ଼କୁ ଗାଡ଼ି ନେଉଥିଲେ। ଏହି ସମୟରେ ଘରୋଇ ବସ୍ ଦ୍ରୁତଗତିରେ ଆସି ଓଏସ୍‌ଆରଟିସି ବସ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଦୁଇଟି ବସର ଡ୍ରାଇଭର ସମେତ ୭ଜଣ ଯାତ୍ରୀ ଆହତ ହୋଇଥିଲେ। ଆହତ ହୋଇଥିବା ସମସ୍ତ ଆହତଙ୍କୁ ପୁଲିସ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଘରୋଇ ବସ୍‌ଟି ବ୍ରେକଫେଲ ହୋଇଯିବା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଥିବା ପୁଲିସ କହିଛି।

# ଧନୁଆ ବ୍ରିଜ୍‌ରୁ ଖସି ଯୁବକ ମୃତ

**ବାଲିଅନ୍ତା, ୨୩।୧(ସମିସ):** ବାଲକାଟି ଫାଣ୍ଡି ଅଧୀନ ସରକଣା ଧନୁଆ ନଦୀ ବ୍ରିଜ୍‌ରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସରକଣା ଭୋଇସାହିର ସୁଦର୍ଶନ ଦାସଙ୍କ ପୁଅ ଚିତ୍ତରଞ୍ଜନ ଦାସ(୨୧)। ଖବର ପାଇ ବାଲକାଟି ଫାଣ୍ଡି ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ଘର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ ଚିତ୍ତରଞ୍ଜନ ରବିବାର ରାତିରେ ସାଙ୍ଗମାନଙ୍କ ସହିତ ଭୋଜି କରୁଥିଲେ। ଧନୁଆ ବ୍ରିଜ୍ ଉପରେ ବସିଥିବା ବେଳେ ତଳକୁ ଖସିପଡ଼ିଥିଲେ। ବ୍ରିଜ୍ ତଳେ କଂକ୍ରିଟରେ ପିଟିହୋଇ ଗୁରୁତର ହୋଇପଡ଼ିଥିଲେ। ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହେବାରୁ ଚେତାଶୂନ୍ୟ ହୋଇପଡ଼ିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ନାବାଳକ ଉପରେ କାର୍ ଚଢ଼ାଇ ୩ ଚମ୍ପଟ

**ଭୁବନେଶ୍ୱର, ୨୩।୧(ସମିସ):** ସୋମବାର ରାତିରେ ଭୁବନେଶ୍ୱର ୟୁନିଟ୍-୨ ଅଞ୍ଚଳ ବିଧାନସଭା ପଛପଟ ବସ୍ତିରେ ଜଣେ ନାବାଳକ ଉପରେ କାର୍ ମଡ଼ାଇ ୩ ଜଣ ଚମ୍ପଟ ମାରିଛନ୍ତି। ଆହତ ନାବାଳକକୁ ସ୍ଥାନୀୟ ଲୋକେ କ୍ୟାପିଟାଲ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ଖବର ପାଇ ପୁଲିସ ପହଞ୍ଚି କାର୍‌କୁ ଜବତ କରି ଥାନାକୁ ନେଇଥିଲା। ତେବେ ଉତ୍ତ୍ୟକ୍ତ ବସ୍ତିବାସିନ୍ଦା ଦୁର୍ଘଟଣା ଘଟାଇଥିବା ଗାଡ଼ିଟିକୁ ଅଟକ ରଖି କ୍ଷତିପୂରଣ ଦାବିରେ ଅଡ଼ି ବସିଥିଲେ। କ୍ୟାପିଟାଲ ଥାନା ପୁଲିସ ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। ପରେ ଉତ୍ତେଜନା ଥମିଥିଲା। ପୁଲିସ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି।

# ଟ୍ରକ୍ ଦୁର୍ଘଟଣାରେ ଜଳିଗଲା କାର୍

**ଭୁବନେଶ୍ୱର, ୨୩।୧(ସମିସ):** ଧକ୍କା ଦେଲା ଟ୍ରକ୍, ଜଳିଗଲା କାର। ଗତକାଲି ବିଳମ୍ବିତ ରାତିରେ ବରମୁଣ୍ଡା ପଡ଼ିଆ ସମ୍ମୁଖରେ ଏପରି ଏକ ଦୁର୍ଘଟଣା ଘଟିଛି। ଖୋର୍ଦ୍ଧାପଟକୁ ଯାଉଥିବା ଏକ କାର୍‌କୁ ଟ୍ରକ ପଛପଟୁ ଧକ୍କା ଦେବାରୁ ଘଟଣାସ୍ଥଳରେ ହୁତୁହୁତୁ ହୋଇ ଜଳିଯାଇଛି କାର। ତେବେ କାର ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନା ଅନୁସାରେ ବିଳମ୍ବିତ ରାତିରେ ଜାଗମରା ଅଞ୍ଚଳର ବିଶ୍ୱଜିତ ସିତାର କାମ ସାରି କଟକରୁ ଘରକୁ ଫେରୁଥିଲେ। ଫାୟାର ଷ୍ଟେସନ ଓଭରବ୍ରିଜ ଗଡ଼ିବା ବେଳେ ପଛପଟୁ ଆସୁଥିବା ଟ୍ରକ ଧକ୍କା ଦେଇଥିଲା। ଟ୍ରକ୍‌ଟି ଦ୍ରୁତ ଗତିରେ ଆସୁଥିବାରୁ କାରକୁ ପ୍ରାୟ ଶହେ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। କାରଟି ଭାରସାମ୍ୟ ହରାଇ ରାସ୍ତାର ବାମ ପାର୍ଶ୍ୱକୁ ଚାଲିଯିବା ସହ ନିଆଁ ଲାଗିଯାଇଥିଲା। ବିଶ୍ୱଜିତଙ୍କ ମୁଣ୍ଡରେ ଆଘାତ ହେବା ସହ ପ୍ରଥମେ ସେ କାରରେ ଫସିରହିଥିଲେ। ସୁଯୋଗ ପାଇ ଟ୍ରକ ଧରି ଚାଳକ ଫେରାର ହୋଇଯାଇଥିବା ବେଳେ ପ୍ରଚଣ୍ଡ ଶବ୍ଦରେ ଅନ୍ୟ ଗାଡ଼ିଚାଳକ ମାନେ ଭୟଭୀତ ହୋଇପଡ଼ିଥିଲେ।

# ବିଜେବି କଲେଜରେ ଜାତୀୟ ଛାୟା କୋର୍ଟ

**ଭୁବନେଶ୍ୱର, ୨୩।୧(ସମିସ):** ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ମହାବିଦ୍ୟାଳୟ ଆଇନ୍ ବିଭାଗ ପକ୍ଷରୁ ଦୁଇଦିନିଆ ଜାତୀୟ ଛାୟା କୋର୍ଟ ଏବଂ ଟ୍ରାଏଲ୍ ଆଡ୍‌ଭୋକେସି କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ଶକ୍ତିକାନ୍ତ ମିଶ୍ର ଯୋଗଦେଇଥିଲେ। ବାଧ୍ୟବାଧକତାରେ ଆଇନ ପଢ଼ିଥିବାବେଳେ ସମୟକ୍ରମେ ଏହା ପ୍ରତି ଭଲପାଇବା ଢେର ବଢ଼ିଯାଇଛି। ଏହାସହ ଆଇନ୍ ବୃତ୍ତିରେ ଧୈର୍ଯ୍ୟ ଅତ୍ୟନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ଆଇନଜୀବୀ ହେଲେ ମହକିଲ ଓ ଜଜ୍ ହେଲେ ଓକିଲଙ୍କ ଯୁକ୍ତି ଶୁଣିବା ଜରୁରୀ ହୋଇଥାଏ। ପ୍ରକୃତ କର୍ମକ୍ଷେତ୍ରକୁ ଯିବା ପୂର୍ବରୁ ଏହି ଛାୟା କୋର୍ଟ ଅନେକ କିଛି ଶିଖାଇଥାଏ। ଏହାସହ ପ୍ରକୃତ କୋର୍ଟ କାର୍ଯ୍ୟ ପ୍ରକ୍ରିୟା ଦେଖିବା ପାଇଁ ଉଚ୍ଚ ନ୍ୟାୟାଳୟକୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ପର୍ଯ୍ୟାୟକ୍ରମେ ନେବାପାଇଁ ସେ ପ୍ରସ୍ତାବ ଦେଇଛନ୍ତି। ମୁଖ୍ୟ ବକ୍ତା ଭାବେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଆଇନ୍ ବିଭାଗ ବରିଷ୍ଠ ପ୍ରାଧ୍ୟାପକ ଡ. ପ୍ରବୀର ପଟ୍ଟନାୟକ ଯୋଗଦେଇ ଧର୍ମ ଓ ଆଇନର ସମିଶ୍ରଣ ଓ ଆନ୍ତର୍ଜାତୀୟ ମୁଟ୍ କୋର୍ଟ ସଂଘ ବିଷୟରେ ଆଲୋକପାତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟର କୁଳପତି ଡ. କମଳଜିତ ସିଂ ଯୋଗଦେଇ ମହାବିଦ୍ୟାଳୟର ଆଇନ୍ ବିଭାଗ ଭିତ୍ତିଭୂମିକୁ ପ୍ରଶଂସା କରିଛନ୍ତି। ଏହାସହ ସମସ୍ତଙ୍କ ସହଯୋଗ ମିଳିଲେ ଆଇନ ପାଠ୍ୟକ୍ରମକୁ ନୂତନ ଶିଖରରେ ପହଞ୍ଚାଇହେବ ବୋଲି କହିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଇତିଶ୍ରୀ ପାଢ଼ୀ ନିଜ ସଭାପତିତ୍ୱ ଭାଷଣରେ ଆଇନ ପଢ଼ି ଦେଶ ଓ ସମ୍ବିଧାନର ନିୟମକୁ ମାର୍ଜିତ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ବିଭାଗୀୟ ମୁଖ୍ୟ କୀର୍ତ୍ତି ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ବିଭାଗୀୟ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ବେଜ୍, ଉପାଧ୍ୟକ୍ଷା ଡ. ମଧୁବ୍ରତା ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ।

## ଚୋରଙ୍କୁ ବଳ ଯୋଗାଉଛନ୍ତି ଋଣ ପ୍ରଦାନକାରୀ ସଂସ୍ଥା

# ଜାଲ୍ ରସିଦ୍‌ରେ ଚୋରି ସୁନା ବନ୍ଧକ

**ଭୁବନେଶ୍ୱର, ୨୩।୧(ସମିସ):** ସୁନା ଲୁଟେରାଙ୍କୁ ବଳ ଯୋଗାଉଛନ୍ତି ଋଣ ପ୍ରଦାନକାରୀ ସଂସ୍ଥା। ବିଶେଷକରି ଲୁଟ୍ ସୁନାକୁ କିଣାବିକା କରିବାରେ ସଂସ୍ଥାର କର୍ମଚାରୀଙ୍କ ସମ୍ପୃକ୍ତି ଜଣାପଡ଼ିଛି। ଚୋରି ସୁନାକୁ ବିଭିନ୍ନ ଋଣ ପ୍ରଦାନକାରୀ ସଂସ୍ଥାରେ ବନ୍ଧକ ରଖି ଲୁଟେରାମାନେ ଟଙ୍କା ଉଠାଉଛନ୍ତି। ସୁନା ବନ୍ଧକ ବାବଦରେ ଲୁଟେରାମାନେ ଜାଲ୍ ରସିଦ୍ ମଧ୍ୟ ପଇଠ କରୁଛନ୍ତି। ଋଣ ବାବଦରେ ଟଙ୍କା ଆଣି ମଉଜ କରୁଛନ୍ତି ଲୁଟେରା। ଲୁଟେରାମାନେ ଋଣ ନ ଶୁଝିବାରୁ ଋଣ ଯୋଗାଉଥିବା ସଂସ୍ଥାର କର୍ମଚାରୀମାନେ ଉକ୍ତ ସୁନାକୁ ବିକ୍ରିକରି ମାଲେମାଲ୍ ହୋଇଯାଉଛନ୍ତି। ସୁନା ବନ୍ଧକ ରଖି ଋଣ ନେବା ଲାଗି କିଛି ମାର୍ଗଦର୍ଶିକା ଜାରିହୋଇ ନ ଥିବାରୁ ଲୁଟେରାଙ୍କୁ ସୁହାଉଥିବା କୁହାଯାଉଛି। ଦୁଇଦିନ ତଳେ କୁଖ୍ୟାତ ଲୁଟେରା ପୁନିଆ ନାୟକ ପୁରୁଣା ଭୁବନେଶ୍ୱର ଅଞ୍ଚଳରୁ ସୁନାଚେନ୍ ଚୋରି କରି ଭୀମଟାଙ୍ଗିରେ ଥିବା ଏକ ବ୍ୟାଙ୍କରେ ବନ୍ଧକ ରଖିଥିଲା। ସେଠାରୁ ପୁନିଆ ୭୫ହଜାର ଟଙ୍କାର ଋଣ ନେଇଥିଲା। ସୁନା କିଣିବାର ନକଲି ରସିଦ୍ ପ୍ରସ୍ତୁତ କରି ବ୍ୟାଙ୍କରେ ଦେଇ ଟଙ୍କା ଆଣି ମଉଜ କରିଥିଲା ପୁନିଆ। ଅନୁରୂପ ଭାବେ ଭୂତତ୍ତ୍ୱ କାର୍ଯ୍ୟାଳୟରେ ଡେପୁଟି ଡାଇରେକ୍ଟର ଭାବେ କାର୍ଯ୍ୟରତ ଅର୍ପିତା ତ୍ରିପାଠୀଙ୍କ ଠାରୁ ସୁନାଚେନ୍ ଲୁଟ୍ ହୋଇଥିଲା। ଏଥିରେ ସମ୍ପୃକ୍ତ ଦିନେଶ ଦାସ ଓ ସୁମନ୍ତ ମଙ୍ଗରାଜକୁ ଗିରଫ କରାଯାଇଥିଲା। ସେମାନେ ଲୁଟ୍ କରିଥିବା ସୁନା ଚେନ୍‌କୁ ଭୀମଟାଙ୍ଗି ଅଞ୍ଚଳରେ ଥିବା ଏକ ବ୍ୟାଙ୍କରେ ବନ୍ଧକ ରଖି ୩୮ ହଜାର ଟଙ୍କା ଋଣ ଆଣିଥିଲେ। ସମାନ୍‌ଭାବେ ନକଲି ରସିଦ୍ କରି ଋଣ ସଂସ୍ଥାରେ ଦାଖଲ କରି ଋଣ ଆଣିଥିଲେ ଅଭିଯୁକ୍ତ।

ଏଇ ଦୁଇଟି ଘଟଣା ନୁହେଁ, ଅନେକ ଘଟଣାରେ ଲୁଟେରାମାନେ ସୁନା ଚୋରି କରିବା ପରେ ଋଣ ପ୍ରଦାନକାରୀ ସଂସ୍ଥାରେ ନକଲି ରସିଦ ଦେଇ ଟଙ୍କା ଉଠାଉଛନ୍ତି। ଏହି ନକଲି ରସିଦ ଋଣପ୍ରଦାନକାରୀ ସଂସ୍ଥାର କର୍ମଚାରୀ ଦେଉଥିବା ଜଣାପଡ଼ିଛି। ଏହି ଠକେଇ ସାମ୍ରାଜ୍ୟରେ ଲିପ୍ତ ରହିଥିବା କିଛି ଋଣପ୍ରଦାନକାରୀ ସଂସ୍ଥାର କର୍ମଚାରୀଙ୍କୁ ନିକଟରେ ଗିରଫ କରାଯାଇଛି। ଗଲା ଦେଢ଼ବର୍ଷରେ ପ୍ରାୟ ୨୫ଟି ମାମଲାରେ ପୁଲିସ ଚୋରି ସୁନା ଅଳଙ୍କାରକୁ ଋଣ ଦେଉଥିବା ସଂସ୍ଥାର ଲକର୍‌କୁ ଠାବ କରିଛି। କିନ୍ତୁ କିଛି ଲକ୍‌ରରୁ ଋଣ ପ୍ରଦାନକାରୀ ସଂସ୍ଥାର ବଡ଼ବାବୁ ସୁନା ନେଇ ପଳାଇଛି। ଚନ୍ଦ୍ରଶେଖରପୁର, ସହିଦନଗର, ନୂଆପଲ୍ଲୀ, ଖଣ୍ଡଗିରି, ସ୍ପେଶାଲ ଅପରାଧ ଶାଖା ଆଦି ଥାନାରେ ଏଭଳି ମାମଲା ରୁଜୁକରି ତଦନ୍ତର ସଫଳତା ପାଇଛି ପୁଲିସ।

### ■ ଲୁଟେରା ଓ କର୍ମଚାରୀଙ୍କ ଅସାଧୁ ବୁଝାମଣା
### ■ ମାର୍ଗଦର୍ଶିକା ଜାରି ନ ହେବାରୁ ସୁହାଉଛି ଅପରାଧ

### ସାମ୍ରାଜ୍ୟ ପଛରେ 'ବଣିଆ'

୧୦ ଗ୍ରାମ ସୁନାର ଦାମ୍ ୬୦ହଜାର ପାର୍। ସୁନା କିଣିବା ଲାଗି ଗ୍ରାହକ ଯେମିତି କୁଣ୍ଠକୁଣ୍ଠ ସେମିତି ବ୍ୟବସାୟୀ। ମାତ୍ର କିଛି ବଣିଆ କମ୍‌ମୂଲ୍ୟରେ ଚୋରି ସୁନାକୁ କିଣୁଛନ୍ତି। ଭୁବନେଶ୍ୱରରୁ ଲୁଟ୍ ହେଉଥିବା ସୁନାକୁ କଟକ, ଖୋର୍ଦ୍ଧା, ବ୍ରହ୍ମପୁର, ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାର କିଛି ବଣିଆ କିଣି ଚଳାଇଛନ୍ତି ସାମ୍ରାଜ୍ୟ। ମାର୍କେଟ୍‌ରେ ସୁନା ଦର ୧୦ ଗ୍ରାମ୍ ପ୍ରତି ୬୦ହଜାର ଟଙ୍କାରେ ଥିବା ବେଳେ ୨୫ହଜାର ଟଙ୍କାରେ କିଣୁଛନ୍ତି ବଣିଆ। ପରେ ଦୋକାନରେ ଜିଏସ୍‌ଟି ଓ ଅନ୍ୟାନ୍ୟ ଦାମ୍ ପକାଇ ଗ୍ରାହକଙ୍କ ଠାରୁ ଟଙ୍କା ନେଉଛନ୍ତି। ଚୋରି ସୁନାକିଣି ମାଲେମାଲ୍ ହେଉଛନ୍ତି ଦୋକାନୀ। ବର୍ଷେ ଭିତରେ ଚୋରି ସୁନା କିଣୁଥିବା ୧୧ଜଣ ବଣିଆଙ୍କୁ ଗିରଫ କରାଯାଇଛି। କିଛି ଦିନ ତଳେ ଚୋରି ସୁନା କିଣିଥିବା ବାପ ରାମମୂର୍ତ୍ତି ତାଙ୍କ ପୁଅ ଆଦିତ୍ୟ ଏବଂ ସୁବ୍ରତକୁ ପୁଲିସ ଗିରଫ କରିଥିଲା। କିଛି ମାମଲାରେ ଟି.ବାବୁରାଓ, ପଦ୍ମଲୋଚନ ରଣା, ପୁଷ୍ପାରଞ୍ଜନ ସାହୁ ଭଳି କୁଖ୍ୟାତ ବଣିଆଙ୍କୁ ଗିରଫ କରାଯାଇଛି। ଏହି ସାମ୍ରାଜ୍ୟ ଚଳାଇଥିବା କିଛି ବଣିଆ ଏବେ ପୁଲିସର ସ୍କାନରକୁ ଆସିଛନ୍ତି। ସେମାନଙ୍କୁ ଥାନାରେ ହାଜର ହେବାକୁ ନୋଟିସ୍ କରାଯାଇଛି। ସବୁଠାରୁ ବଡ଼କଥା ହେଲା ଚୋରି ସୁନା ବିକ୍ରି କରୁଥିବା ନୟାଗଡ଼ର ଜଣେ ବଣିଆର ପତ୍ନୀକୁ ବି କାବୁ କରିଥିଲା କମିସନରେଟ୍ ପୁଲିସ।

# ଭୁବନେଶ୍ୱର ସିଟି



## ମାମଲା କଲେ, ଧାରଣା ଦେଲେ

# ତଥାପି ଦଳଭର୍ତ୍ତି କଣ୍ଡରା ପୋଖରୀ

**ଭୁବନେଶ୍ୱର, ୨୩।୧(ସମିସ):**



ପୁରୁଣା ଭୁବନେଶ୍ୱର ଗ୍ୟାରେଜ ଛକରେ ଥିବା କଣ୍ଡରା ପୋଖରୀ ମରାମତି ଓ ପୁନରୁଦ୍ଧାର ପାଇଁ ସ୍ଥାନୀୟ ଲୋକେ ବିଏମ୍‌ସି କାର୍ଯ୍ୟାଳୟ ଆଗରେ ଧାରଣା ଦେଲେ। ଏମିତି କି ହାଇକୋର୍ଟରେ ମାମଲା ଦାୟର କଲେ। ହାଇକୋର୍ଟ ଏ ନେଇ ଲୋକଙ୍କ ସପକ୍ଷରେ ରାୟ ମଧ୍ୟ ଦେଲେ। ହେଲେ ପୋଖରୀର ସ୍ଥିତି ଯେମିତି ଥିଲା ସେମିତି ରହିଛି। ଦଳ ଓ ଶିଉଳିରେ ଭର୍ତ୍ତି ହୋଇ ପୋତି ହେବାକୁ ବସିଛି କଣ୍ଡରା ପୋଖରୀ। ପୋଖରୀଟି ଅଳିଆ ଯୋଗୁଁ ପୋତି ହେଉ ଯାଉଥିଲା ବେଳେ ଦଳ ଓ ଶିଉଳିର ମୋଟା ଅବରଣରେ ପାଣି ଆଉ ଦେଖାଯାଉ ନାହିଁ। ପାଣିକୁ ମଣିଷ ବ୍ୟବହାର କରିବା ତ ଦୂରରେ ଥାଉ ମାଛ ବଞ୍ଚିବା ଏଣିକି କଷ୍ଟ ହୋଇପଡ଼ିବ। ପୋଖରୀଟି ମଶାମାନଙ୍କ ଅନ୍ତୁଡ଼ିଶାଳରେ ପରିଣତ ହୋଇଛି। ଏହା ପୋଖରୀ କମ୍ ଦଳଗାଡ଼ିଆ ଅଧିକ ଭଳି ଲାଗୁଛି। ଏହାକୁ ନେଇ ବାରମ୍ବାର ସ୍ୱର ଉଠୁଥିଲା ବେଳେ ବିଏମ୍‌ସିର ନିରବତା ସ୍ଥାନୀୟ ଲୋକଙ୍କୁ ମଧ୍ୟରେ ଅସନ୍ତୋଷ ବଢ଼ାଉଛି।

ତେବେ ସ୍ଥାନୀୟ ଲୋକଙ୍କ ବାରମ୍ବାର ଦାବି ପରେ ଏହି ପୋଖରୀରୁ ଦଳ ଉଠାଇବା କାମ ଆରମ୍ଭ ହୋଇଥିଲା। ଅତି ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏହି ପୋଖରୀରୁ ଦଳ ସଫା କରାଯାଇଥିଲା। ହେଲେ ଅଧା ପନ୍ତରିଆ ଭାବେ କାମ ହୋଇଥିବା ସ୍ଥାନୀୟଲୋକେ ଅଭିଯୋଗ ହୋଇଛି। ଗତ ୭ ମାସ ତଳେ ଦଳସଫା କାମକୁ ଅଧାରୁ ଛାଡ଼ି ଦେବାରୁ ପୁଣି ଏହି ପୋଖରୀରେ ଦଳମାଡ଼ିବାରେ ଲାଗିଛି। ପୂର୍ବରୁ ଯେଉଁ ଅବସ୍ଥାରେ ଥିଲା ଏବେ ପୁଣି ସେଇ ଅବସ୍ଥାକୁ ଚାଲି ଆସିବାରେ ଲାଗିଛି। ଏଭଳି ସ୍ଥିତି ଜାରି ରହିଲେ ଆଗାମୀ ଦିନରେ ପୋଖରୀଟି ଦଳରେ ପୋତି ହୋଇଯିବ।

ଗ୍ୟାରେଜ ଛକରେ ନନ୍ଦକିଶୋର ପୁଷ୍କରିଣୀ ଅବସ୍ଥିତ। ନନ୍ଦକିଶୋର ପୁଷ୍କରିଣୀକୁ କଣ୍ଡରା ପୋଖରୀ ନାମରେ ମଧ୍ୟ ପରିଚିତ। ସ୍ଥାନୀୟ ଲୋକଙ୍କ ପୁରୁଣା ସ୍ମୃତି ଏବଂ ଭାବାବେଗ ଏହି ପୋଖରୀସହ ଜଡ଼ିତ। କେବେ ଏହାର ଭାଗ୍ୟ ବଦଳିବ ଏଥିପାଇଁ ସ୍ଥାନୀୟ ଲୋକେ ସ୍ୱପ୍ନ ଦେଖୁଛନ୍ତି। ପୂର୍ବରୁ ପୋଖରୀଟି ପ୍ରାୟ ୫ଏକର ସ୍ଥାନରେ ଅବସ୍ଥିତ ଥିଲା। ତେବେ ପୋଖରୀଟି ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ତେବେ ପ୍ରଶାସନିକ ଅବହେଳା ଯୋଗୁଁ ପୋଖରୀଟି ଏଭଳି ଅବହେଳିତ ଅବସ୍ଥାରେ ରହିଛି ବୋଲି ଅଭିଯୋଗ ହେଉଛି।

ମହାନଗର ନିଗମ ଏହି ପୋଖରୀକୁ ବାରମ୍ବାର ଅବହେଳା କରୁଥିବା ଅଭିଯୋଗରେ ସ୍ଥାନୀୟ ଲୋକେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୋଖରୀକୁ ସଫା କରିବାକୁ ନେଇ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହପରେ ମଧ୍ୟ ଦଳ ସଫା ନ ହେବାରୁ ପୋଖରୀକୁ ସଫା କରିବାକୁ ନେଇ ଗତ ବର୍ଷ ଫେବୃଆରୀ ମାସରେ ସ୍ଥାନୀୟ ଲୋକେ ବିଏମ୍‌ସି କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦେଇଥିଲେ। ଏ ନେଇ ବିଏମ୍‌ସି ବିଭାଗୀୟ ଅଧିକାରୀ କହିଛନ୍ତି ଏକ ଛୋଟ ଧରଣର ବିବାଦୀୟ ସ୍ଥିତି ରହିଛି। ତାହା ସମାଧାନ ପରେ ଆମ ପୋଖରୀ ଯୋଜନା କ୍ରମରେ ଦଳ ସଫା କରାଯିବ ବୋଲି ସେ କହିଛନ୍ତି।

## ଆଜି କ'ଣ କେଉଁଠି

- ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରବୀର କୁମାର ପଟ୍ଟନାୟକଙ୍କ ଲିଖିତ 'ପଦ୍ମସମ୍ଭବ' ପୁସ୍ତକର ଲୋକାର୍ପଣ ଉତ୍ସବ।
  ସ୍ଥାନ-ବୁଦ୍ଧ ମନ୍ଦିର ପରିସର। ସମୟ-ଦିନ ୧୧ଟା।
- ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ।
  ସ୍ଥାନ-ଜୟଦେବ ଭବନ। ସମୟ-ସନ୍ଧ୍ୟା ୬ଟା।
- ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ବକ୍ସି ଜଗବନ୍ଧୁଙ୍କ ସହିଦ ଦିବସ ପାଳନ।
  ସ୍ଥାନ-ରାଜ୍ୟ ସଂଗ୍ରହାଳୟ ସମ୍ମୁଖ। ସମୟ-ଦିନ ସାଢ଼େ ୧୦ଟା।
- ଖୋର୍ଦ୍ଧାଗଡ଼ର ବିକାଶ ଦାବିରେ ଓଡ଼ିଶା ପାଇକ ଆଖଡ଼ା ମହାସଂଘ ପକ୍ଷରୁ ବକ୍ସି ଜଗବନ୍ଧୁଙ୍କ ଜନ୍ମଦିବସରେ ଆନ୍ଦୋଳନ।
  ସ୍ଥାନ-କଳ୍ପନା ଛକ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ତଳେ। ସମୟ- ସକାଳ ୯ଟା।

## ବେଣୁପୁର ପଞ୍ଚାୟତରେ ଘରେ ଘରେ ଶଙ୍ଖ

**ବାଲିଅନ୍ତା, ୨୩।୧(ସମିସ):** ବାଲିଅନ୍ତା ବ୍ଲକ ଅଧୀନ ବେଣୁପୁର ପଞ୍ଚାୟତର ଭିନ୍ନ ୱାର୍ଡରେ ମଙ୍ଗଳବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମିତି ସଭ୍ୟା ନମିତା ପରିଡ଼ା, ପଞ୍ଚାୟତ ସଭାପତି ହରେକୃଷ୍ଣ ମଙ୍ଗରାଜ, ପୂର୍ବତନ ସରପଞ୍ଚ ତପନ କୁମାର ପରିଡ଼ାଙ୍କ ନେତୃତ୍ୱରେ ଶତାଧିକ କର୍ମୀ, ସମର୍ଥକ ଏବଂ ପୁରୁଖା ନେତାଙ୍କ ସମେତ ପୂର୍ବତନ ଜନପ୍ରତିନିଧି ଘରକୁ ଘର ବୁଲି ଶଙ୍ଖ ଚିହ୍ନ ଲିଫଲେଟ୍, ପ୍ଲା-କାର୍ଡ ବଣ୍ଟନ କରିବା ସହ ଲୋକଙ୍କୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାରଙ୍କ ବହୁବିଧ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ୪ ଦିନ ଧରି ଅନ୍ୟ ସବୁ ୱାର୍ଡରେ କାର୍ଯ୍ୟକ୍ରମ ଜାରିରହିବ ବୋଲି ଶ୍ରୀ ପରିଡ଼ା କହିଛନ୍ତି।



## ବିଜେଡି ପକ୍ଷରୁ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି




**ଭୁବନେଶ୍ୱର, ୨୩।୧(ସମିସ):** ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ସୁଭାଷ ଚନ୍ଦ୍ର ବୋଷ, ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଓ ମହାରାଜ ମର୍ଦ୍ଦରାଜ ଦେଓଙ୍କର ତିରୋଧାନ ଦିବସ ରାଜଧାନୀରେ ଅବସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳରେ ପାଳିତ ହୋଇଯାଇଛି। ସେହିପରି ମହାରାଜ ମର୍ଦ୍ଦରାଜ ଦେଓଙ୍କ ୭୦ତମ ଶ୍ରାଦ୍ଧ ଦିବସ ମଧ୍ୟ ପାଳିତ ହୋଇଯାଇଛି। ଏହି ସଭାରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ମୁଖ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସମାଜସେବୀ ବିଜୟ ତ୍ରିପାଠୀ, ଡ. ରଙ୍ଗାଧର ସାହୁ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ନେତାଜୀ, ସୁରେନ୍ଦ୍ର ସାଏ ଓ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ରସୁଲଗଡ଼ସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତି, ବୀର ସୁରେନ୍ଦ୍ରସାଏ ନଗରସ୍ଥିତ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିର୍ ଓ ଭୁବନେଶ୍ୱର ଏଜି ଛକସ୍ଥିତ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ଗିରିଜା ଶଙ୍କର ମହାପାତ୍ର, ବନଜା ବେହେରା, ସୁଜାତା ଜେନା, ଶୋଭନ କରଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଶୈକ୍ଷିକ ମହାସଂଘ ପକ୍ଷରୁ କର୍ତ୍ତବ୍ୟବୋଧ ଦିବସ




**ଭୁବନେଶ୍ୱର, ୨୩।୧(ସମିସ):** ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ କର୍ତ୍ତବ୍ୟବୋଧ ଦିବସ ସୋମବାର ପାଳିତ ହୋଇଯାଇଛି। ମହାସଂଘ ସଭାପତି ଡକ୍ଟର ପବିତ୍ର କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ଡକ୍ଟର ନାରାୟଣ ମହାନ୍ତି ଯୋଗଦେଇ ଶିକ୍ଷକମାନେ ସୁଚାରୁରୂପେ କର୍ତ୍ତବ୍ୟ ସମ୍ପାଦନ କଲେ ସମାଜ ସୁଦୃଢ଼ ହୋଇପାରିବ ବୋଲି କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ପ୍ରଫେସର୍ ମହେଶ୍ୱର ସାହୁ ଯୋଗଦେଇ ଶିକ୍ଷକମାନେ ନିଜର ଅଧିକାର ସାବ୍ୟସ୍ତ କରିବା ସହ ସମାନ ଭାବେ କର୍ତ୍ତବ୍ୟ ସମ୍ପାଦନ ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଛନ୍ତି। ଏହି ଅବସରରେ ବିଦ୍ୟାର୍ଥୀଙ୍କ ସାମଗ୍ରିକ ବିକାଶକୁ ପ୍ରାଧାନ୍ୟ ଦେଇ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିବେ ବୋଲି ସମବେତ ଶିକ୍ଷକବୃନ୍ଦ ଶପଥପାଠ କରିଛନ୍ତି। ଅଧ୍ୟାପକ ବିଜୟରାମ ଜେନା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଅଧ୍ୟାପିକା ସୁଜାତା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ



**ବାଲିପାଟଣା, ୨୩।୧(ସମିସ):** ଠାକୁର ଶ୍ରୀଶ୍ରୀ ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହୋତ୍ସବ ଏବଂ ବନମାଳୀପୁର ସତସଙ୍ଗ ମନ୍ଦିରର ୭ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ବନମାଳୀପୁର କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ରାଜେଶ୍ ଖଣ୍ଡେଲୱାଲ ଠାକୁରଙ୍କ କୃପା ବିନା ଆମେ କିଛି କରିପାରିବା ନାହିଁ ବୋଲି କହିଥିଲେ। ସହ ପ୍ରତି ଗୋପୀନାଥ ପରିଡ଼ାଙ୍କ ସଭାପତିତ୍ୱରେ ପରିଚାଳକ ବୈରାଗୀ ସାହୁ, ସଂଯୋଜକ ରଘୁନାଥ ଲେଙ୍କା, ସୁରେନ୍ଦ୍ରନାଥ ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ବ୍ରଜକିଶୋର ସାହୁ, ବିଶ୍ୱମ୍ଭର ସାହୁ, ଚିତ୍ତରଞ୍ଜନ ସାହୁ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ଭାସ୍କର୍ଯ୍ୟ କଳାରେ 'ନେତାଜୀ'

**ଭୁବନେଶ୍ୱର,୨୩।୧(ସମିସ):** ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟଠାରେ ତାଙ୍କ ୧୨୭ ତମ ଜୟନ୍ତୀ ସମାରୋହ ଅବସରରେ ଓଡ଼ିଶା ଲଳିତ କଳା ଏକାଡେମୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଟ୍ରଷ୍ଟ ଦ୍ୱାରା ନେତାଜୀଙ୍କ ବୀରତ୍ୱ ଓ ଦର୍ଶନ ତଥା ତାଙ୍କ ସଂଗ୍ରାମୀ ଜୀବନର ପ୍ରମୁଖ ଘଟଣା ଗୁଡିକୁ ନେଇ ଆୟୋଜିତ ହୋଇଛି ଏକ ମୃଣ୍ମୟ ଭାସ୍କର୍ଯ୍ୟ କଳା ପ୍ରଦର୍ଶନୀ। ଏହି ପ୍ରଦର୍ଶନୀକୁ ପର୍ଯ୍ୟଟନ , ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍ଘାଟନ କରି ନେତାଜୀଙ୍କ ବୀରତ୍ୱ ଉପରେ ଆଧାରିତ ଭାସ୍କର୍ଯ୍ୟଗୁଡ଼ିକୁ ବୁଲି ଦେଖିଥିଲେ। ଏହି ଅବସରରେ, କଟକ ମେୟର ସୁଭାଷ ସିଂହ, ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ, କଟକ ଜିଲ୍ଲାପାଳ ନରହରି ସେଠୀ, ବିଭାଗର ଯୁଗ୍ମ ଶାସନ ସଚିବ ଅତୋଷୀ ଦାସ, ଟ୍ରଷ୍ଟର ସଚିବ ଅଶ୍ୱିନୀ କୁମାର ଶତପଥୀ ଯୋଗଥିଲେ। ୧୮ ଜଣ ମୃଣ୍ମୟ ଶିଳ୍ପୀଙ୍କୁ ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ପ୍ରଦର୍ଶନୀ ପାଇଁ ଗତ ୨୧ ତାରିଖରୁ ଚାଲିଥିବା ଶିବିରରେ ଶିଳ୍ପୀମାନେ ଏହି ଭାସ୍କର୍ଯ୍ୟଗୁଡ଼ିକ ଗଠନ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥିଙ୍କୁ ପ୍ରଦର୍ଶନୀର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ ।



## ଗରିବଙ୍କୁ ବଣ୍ଟାଯିବ ମନ୍ଦିର ବାହାରୁ ସଂଗୃହୀତ ଚପଲ




**ଭୁବନେଶ୍ୱର, ୨୩।୧(ସମିସ):** ୟୁନିଟ୍-୩ ରାମ ମନ୍ଦିର ବାହାରୁ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସଂଗ୍ରହ ହେଲା ୨୦ବସ୍ତା ଯୋତା, ଚପଲ। ଯେଉଁଥିରୁ ପ୍ରାୟ ୪୦୦ଟି ଗୋଟିକିଆ ଥିବାବେଳେ ୫୦୦ରୁ ଊର୍ଦ୍ଧ୍ୱ ହଳ ବା ବ୍ୟବହାରଯୋଗ୍ୟ ରହିଛି। ଯାହାକୁ ବିଳମ୍ବିତ ରାତିରେ ପିପୁଲ ଫର୍ ସେବା ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ସଂଗ୍ରହ କରିଛନ୍ତି। ଏହିସବୁ ଯୋତା ଗୁଡ଼ିକ ଆସନ୍ତା ଫେବୃଆରୀ ୧ତାରିଖରେ କୋଇଡ଼ା ମହୋତ୍ସବରେ ଗରିବ ଆଦିବାସୀଙ୍କୁ ପ୍ରଦାନ କରାଯିବ। ସୂଚନା ଅନୁସାରେ, ମଙ୍ଗଳବାର ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ଭବ୍ୟ ପ୍ରତିଷ୍ଠା ଦିବସ ଉପଲକ୍ଷେ ଭୁବନେଶ୍ୱର ରାମ ମନ୍ଦିରରେ ମଧ୍ୟ ବଡ଼ି ଭୋରୁ ଭକ୍ତମାନେ ଲମ୍ବା ଲାଇନ୍‌ରେ ଛିଡ଼ା ହୋଇ ଶ୍ରୀରାମଙ୍କୁ ଦର୍ଶନ କରିଥିଲେ। ମନ୍ଦିର ବାହାରେ ଗୋଟିଏ ଯୋତା ଷ୍ଟାଣ୍ଡ ରହିଥିବାରୁ ଅଧିକାଂଶ ଶ୍ରଦ୍ଧାଳୁ ଯିଏ ଯେଉଁଠି ପାରିଲା ଯୋତା ରଖି ଦର୍ଶନ ପାଇଁ ଭିତରକୁ ଗଲେ। କିନ୍ତୁ ଫେରିବା ବେଳକୁ ଭିଡ଼ ଭିତରେ ଅଧିକାଂଶ ଲୋକଙ୍କର ଯୋତା ଗୋଟିଏ ଥିବାବେଳେ ଅନ୍ୟଟି ନ ଥିଲା। ଭିଡ଼କୁ ନିୟନ୍ତ୍ରଣ କରିବାକୁ ପୁଲିସ ମଧ୍ୟ ଶୀଘ୍ର ଯିବାକୁ କହୁଥିବାରୁ ଅନେକ ଲୋକେ ନିଜ ଯୋତା ଓ ଚପଲ ନ ପାଇ ଫେରି ଯାଇଥିଲେ। ବିଳମ୍ବିତ ରାତିରେ ରାସ୍ତାକଡ଼ରେ ବିଛାଡ଼ି ହୋଇ ପଡ଼ି ରହିଥିଲା ଶହଶହ ଯୋତା। ଯାହାକୁ ସ୍ୱେଚ୍ଛାସେବୀମାନେ ସଂଗ୍ରହ କରିଥିଲେ। ସେଗୁଡ଼ିକ ସମାଜସେବୀ ଗଗନ ବିହାରୀ ପାଇଟାଳ ସଫା କରି ତାହାକୁ ଖରାରେ ଶୁଖାଇ କୋଇଡ଼ାରେ ଲୋକଙ୍କୁ ପ୍ରଦାନ କରିବାକୁ ଯୋଜନା କରିଥିବା କହିଛନ୍ତି। ଶ୍ରୀ ପାଇଟାଳ କହିଛନ୍ତି ଯେ, ଏହାକୁ ସେହି ଗରିବ ଲୋକମାନଙ୍କୁ ଦିଆଯିବ।

# ରାଜଧାନୀରେ ହ୍ୟାଙ୍ଗିଙ୍ଗ୍ ପ୍ଲାଣ୍ଟ୍'ର ଟ୍ରେଣ୍ଡ

- ବଢୁଛି ଫ୍ୟାନ୍‌ସି ଗଛର ଚାହିଦା
- ବାୟୁବିଶୋଧନ ସହ ସର୍ବନିମ୍ନ ରକ୍ଷଣାବେକ୍ଷଣ



**ଭୁବନେଶ୍ୱର, ୨୩।୧(ସମିସ):**

ଘରକୁ ସଜେଇବାର ବିଭିନ୍ନ ମାଧ୍ୟମ ରହିଛି। ସେଥିମଧ୍ୟରୁ ଗଛ ଅନ୍ୟତମ। ସମୟ ସହ ତାଳଦେଇ ନାନା ପ୍ରକାର ଫୁଲଗଛ ଏବେ ବଜାରରେ ଦେଖିବାକୁ ମିଳିଲାଣି। ଏଥିରେ ଫ୍ୟାନ୍ସି ଗଛର ଟ୍ରେଣ୍ଡ ଧୀରେ ଧୀରେ ବଢ଼ିବାକୁ ଲାଗିଲାଣି। ଘରେ ଘରେ ନିଜ ଚାହିଦା ଅନୁଯାୟୀ ଗଛର ଭିନ୍ନତା ଦେଖିବାକୁ ମିଳେ। ସାଧାରଣତଃ ବାୟୁ ବିଶୋଧକ, ସର୍ବନିମ୍ନ ରକ୍ଷଣାବେକ୍ଷଣ ହୋଇଥିବାରୁ ଏଥିପ୍ରତି ଲୋକଙ୍କ ଚାହିଦା ବେଶ୍ ରହିଛି। ନିଜ ଘରକୁ ସଜ୍ଜିତ କରିବା ଓ ଆକର୍ଷଣୀୟ କରିବା ପାଇଁ ଲୋକଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଚାଲିଲାଣି। ସେଥିପାଇଁ ନିଜ ବାଲକୋନି, ଡ୍ରଇଂ ରୁମ୍ ଓ ଡାଇନିଂକୁ ବେଶ୍ ଆକର୍ଷଣୀୟ କରିବାରେ ଲାଗି ପଡ଼ିଛନ୍ତି। ଅଧିକ ଦାମ ହେଲେ ସୁଦ୍ଧା ଏହି ସବୁ ଗଛ କିଣିବାକୁ ଲୋକେ ପଛାଉନାହାନ୍ତି। କେବଳ ଯେ ଫ୍ୟାନ୍‌ସି ଗଛ ତାହା ନୁହଁ ବରଂ ଘରକୁ ଶାନ୍ତି ଓ ଧନର ପ୍ରତୀକ ଭାବେ ମାନୁଥିବା କେତେକ ଗଛକୁ ଲୋକେ ଅଧିକ କିଣୁଥିବା ଦେଖିବାକୁ ମିଳୁଛି। ନିଜ ଘରର ବାସ୍ତୁ ଓ ରାଶିକୁ ସୁହାଇଲାଭଳି ଗଛର ଚାହିଦା ଆଗ ଅପକ୍ଷୋ ବଢ଼ିଲାଣି। ରାଜଧାନୀରେ ସାଧାରଣତଃ ବାଡ଼ିବଗିଚା ଯେତେ ଦେଖିବାକୁ ମିଳେନି ତା'ଠୁ ଅଧିକ ବଡ଼ ବଡ଼ କୋଠା ଓ ଆପାର୍ଟମେଣ୍ଟ ରହିଛି। ଜାଗା ବେଶୀ ନ ଥିବାରୁ ଲୋକେ ନିଜ ନିଜ ବାଲକୋନୀକୁ ଗାର୍ଡେନଭାବେ ସଜାଇବାରେ ଲାଗିଛନ୍ତି। ଏଥିରେ ଏକ ନୂଆ ଟ୍ରେଣ୍ଡ ସୃଷ୍ଟି ହୋଇଛି ହ୍ୟାଙ୍ଗିଙ୍ଗ ଟ୍ରି' ବା ପ୍ଲାଣ୍ଟସ୍। ଏହି ଛୋଟ ଛୋଟ ଗଛ ଓଡ଼ିଶାରେ ଚାଷ କରାଯାଏନି। ସେଥିପାଇଁ ଏହାର ନା ଟିକେ ଅଲଗା। ବଜାରରେ ଚାହିଦାରେ ଥିବା ଏହି ଗଛମାନଙ୍କ ମଧ୍ୟରେ ବୋନସାଇ, ମନିପ୍ଲାଣ୍ଟ, ଜିଜି, ଜେଜେଡ୍, ସ୍ନେକ୍ ପ୍ଲାଣ୍ଟ, କ୍ୟାକ୍‌ଟସ୍, ସ୍ପାଇଡର୍ ପ୍ଲାଣ୍ଟ, ଲିପ୍‌ଷ୍ଟିକ ପ୍ଲାଣ୍ଟ, ପିସ୍ ଲିଲି, ମନି ଟ୍ରି, ଫର୍ଣ୍ଣସ ଆଦି ବେଶ ଲୋକାଦୃତ ହେଉଛି। ଏଗୁଡ଼ିକ ଭିତରୁ ବୋନ୍‌ସାଇର ଦାମ୍ ସବୁଠୁ ଅଧିକ ହଜାରେରୁ ୨୦ ହଜାର ପର୍ଯ୍ୟନ୍ତ ରହିଛି। ସେହିପରି ସବୁଠୁ କମ୍ ମୂଲ୍ୟର ଲକ୍ଷ୍ମୀ କମଲ ଏବଂ ପିସ୍ ଲିଲିର ରହିଛି। ଯାହା ୧୦୦ରୁ ୧୨୦ ମଧ୍ୟରେ ହୋଇଥାଏ। ଏ ନେଇ ୟୁନିଟ୍ - ୩ରେ ନିଜର ପ୍ଲାଣ୍ଟ ସପ୍ କରିଥିବା ପ୍ରକାଶ କୁହନ୍ତି ଏସବୁ ଗଛ ବେଙ୍ଗାଲୁରୁ, ପୁନେ, ହିମାଞ୍ଚଳ ଓ କଲିକତାରୁ ଆସୁଛି। ଏହା ବ୍ୟତୀତ କିଛି ଗଛ ରହିଛି ଯାହା ସିଏ ମଞ୍ଜି ଓ ନିଜର ଜ୍ଞାନକୌଶଳରୁ ତିଆରି କରିଛନ୍ତି। ସେ ଏପରି ଗଛ ବାହାରୁ ଆଣି ବ୍ୟବସାୟ କରନ୍ତି ଯାହା ଆମ ପାଣି ଓ ପବନ ସହ ଖାପ ଖୁଆଇ ଦୀର୍ଘ ଦିନ ବଞ୍ଚି ପାରିବ। ୮ରୁ ୧୦ ଦିନ ବିନା ପାଣିରେ ମଧ୍ୟ ତିଷ୍ଠି ପାରିବ। ସେଥିପାଇଁ ଲୋକ ଏସବୁ ଗଛର ଏତେଟା ଧ୍ୟାନ ଆବଶ୍ୟକ କରୁନଥିବାରୁ ଅଧିକ କିଣୁଛନ୍ତି। ଏହି ବ୍ୟବସାୟରେ ତାଙ୍କର ଦିନକୁ ୫ ହଜାରରୁ ଅଧିକ ବିକ୍ରି ହେଉଥିବା କହିଛନ୍ତି।



### ଆକର୍ଷିତ କରୁଛି ଡିଜାଇନ ଫୁଲକୁଣ୍ଡ

ଫ୍ୟାନ୍‌ସି ଗଛ ସାଙ୍ଗକୁ ଫ୍ୟାନ୍‌ସି କୁଣ୍ଡର ମଧ୍ୟ ଚାହିଦା ବଢୁଛି। କେବଳ ଲୋକ ଆକର୍ଷଣୀୟ ଗଛକୁ ଖୋଜୁନାହାନ୍ତି ବରଂ କୁଣ୍ଡରେ ମଧ୍ୟ ଡିଜାଇନ ଖୋଜୁଛନ୍ତି। ବଜାରରେ ମଧ୍ୟ ଚାହିଦାକୁ ଦେଖି ସେରାମିକ, କାଠର ବିଭିନ୍ନ ଆକୃତିର କୁଣ୍ଡ ମିଳୁଛି। ବିଭିନ୍ନ ଫୁଲ, ଫଳ, ପ୍ରାଣୀ ଓ ଟ୍ରେନ୍ ଆକୃତିର କୁଣ୍ଡ, ଫାଇବର, ଟେରାକୋଟା ଡିଜାଇନ ଆଦି ବହୁତ ଭିନ୍ନତାର କୁଣ୍ଡ ମିଳୁଛି। ଯାହାକି ଗଛଗୁଡ଼ିକୁ ଅଧିକ ଆକର୍ଷଣୀୟ କରୁଛି। ଏହାର ଦାମ୍ ବି ୧୨୦ରୁ ହଜାରେ ପର୍ଯ୍ୟନ୍ତ ରହିଛି।

